ବର୍ଷ-୨୫, ସଂଖ୍ୟା-୭୪
ଭୁବନେଶ୍ୱର
୧୮, ମାର୍ଚ୍ଚ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 74
Bhubaneswar
18, March, 2025, Tuesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ହିନାଙ୍କ ଜବାବ

୬,୧୧୭ କୋଟିର ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ

ଭୁବନେଶ୍ୱର,୧୭।୩(ମହାଭାରତ): ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ର ସଫଳତା ପରେ ୧୩୫ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସଡବ୍ଲ୍ୟୁସିଏ) ବୈଠକରେ ୬,୧୧୭ କୋଟି ଟଙ୍କାର ଉଲ୍ଲେଖନୀୟ ପୁଞ୍ଜିନିବେଶ ହୋଇଥିବା ଜଣାଯାଇଛି, ଯାହା ଏକ ପ୍ରମୁଖ ପୁଞ୍ଜିନିବେଶ ସ୍ଥଳ ଭାବେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୯ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି ଯାହା, ରାଜ୍ୟର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ସହ ୧୭,୨୮୬ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ଏହି ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି ବୈଠକରେ ଜୈବ ଇନ୍ଧନ, ବାୟୋଟେକ୍ନୋଲୋଜି, ଜାହାଜ ନିର୍ମାଣ, ଆଲୁମିନିୟମ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ପୋଷାକ ଏବଂ ସବୁଜ ଶକ୍ତି ଉପକରଣ ସମେତ ୧୦ଟି ଉଚ୍ଚ ପ୍ରଭାବୀ କ୍ଷେତ୍ରର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ବଲାଙ୍ଗିର, କଟକ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କନ୍ଧମାଳ, ରାୟଗଡ଼ା ଓ ସମ୍ବଲପୁର ସମେତ ଓଡ଼ିଶାର ୧୧ଟି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ।ଏହି ପୁଞ୍ଜିନିବେଶ ଫଳରେ ଓଡ଼ିଶା ଦ୍ରୁତ ଶିଳ୍ପ ସମ୍ପ୍ରସାରଣ ଏବଂ ନିଯୁକ୍ତି ସୃଷ୍ଟି ଜାରି ରଖିଛି ଏବଂ ବ୍ୟବସାୟ ପାଇଁ ଏକ ଶୀର୍ଷ ଗନ୍ତବ୍ୟସ୍ଥଳ ଭାବରେ ନିଜକୁ ସ୍ଥାନିତ କରିଛି ।

ବୈଠକରୁ ଜଣାଯାଇଛି ଯେ, ଜୈବ ଇନ୍ଧନ ଓ ସବୁଜ ଶକ୍ତି କ୍ଷେତ୍ରରେ ଟ୍ରାନ୍ସପେସିଫିକ୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରର ଏକ ବାୟୋକୋଲ କାରଖାନାରେ ୯୦୦ କୋଟି ଟଙ୍କା ବିନିଯୋଗ କରି ୬୩୦ ନିଯୁକ୍ତି ସୃଷ୍ଟି କରିବ ଏବଂ ସାଇ ସୁଧା ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଖୋର୍ଦ୍ଧାରେ ୬୮.୫୮ କୋଟି ଟଙ୍କାର ସୋଲାର ମଡ୍ୟୁଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ ଫଳରେ ୩୫୦ ନିଯୁକ୍ତି ସୃଷ୍ଟି ହେବ । ରାୟଗଡ଼ା, ବଲାଙ୍ଗିର ଓ କଳାହାଣ୍ଡିରେ ହାଇସ୍ପିଡ ଡିଜେଲ ଓ ପେଟ୍ରୋଲ ପାଇପଲାଇନ ପାଇଁ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ ପକ୍ଷରୁ ୮୬୮ କୋଟି ଟଙ୍କା ବିନିଯୋଗ କରାଯିବ । ଏହା ବ୍ୟତୀତ ଜୋହୋ କର୍ପୋରେସନ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୩୦୬.୫୦ କୋଟି ଟଙ୍କାର ଡାଟା ସେଣ୍ଟର ସ୍ଥାପନ କରି ୯୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।ବାୟୋଟେକ୍ନୋଲୋଜି ଏବଂ କେମିକାଲ କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜିନିବେଶ ହେବ ଏବଂ ସାପିଜେନ୍ ବାୟୋଲୋଜିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା ଅନ୍ତର୍ଗତ ଓଡ଼ିଶା ବାୟୋଟେକ୍ ପାର୍କରେ ୮୫୪.୩୨ କୋଟି ଟଙ୍କାର ଟିକା ଉତ୍ପାଦନ ୟୁନିଟ୍ ସ୍ଥାପନ ପୂର୍ବକ ୮୫୦ ନିଯୁକ୍ତି ସୃଷ୍ଟି ହେବ । ଏଆରସିଏଲ୍ ଅର୍ଗାନିକ୍ସ ଲିମିଟେଡ୍, ଜଗତସିଂହପୁରରେ ୫୦୦ କୋଟି ଟଙ୍କାର ସ୍ପେଶାଲିଟି କେମିକାଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ୭୨୫ ନିଯୁକ୍ତି ସୃଷ୍ଟି କରିବ ଏବଂ ଆରସିସି ଲାବୋରେଟୋରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାର ପ୍ରି-କ୍ଲିନିକାଲ ଟେଷ୍ଟିଂ ଏବଂ ପ୍ରାଣୀ ପ୍ରଜନନ କେନ୍ଦ୍ରରେ ୫୫.୩୬ କୋଟି ଟଙ୍କା ନିବେଶ କରିବ ।

ଇସ୍ପାତ ଓ ଆଲୁମିନିୟମ କ୍ଷେତ୍ରରେ ବଡ଼ ଧରଣର ସମ୍ପ୍ରସାରଣ ହେବ, ଯେଉଁଥିରେ ନେଜୋନ୍ ଷ୍ଟିଲ୍ସ ଉତ୍କଳ ଏଲ୍ ଏଲ୍ ପି ଯାଜପୁରରେ ୪୭୦ କୋଟି ଟଙ୍କାର କଲର କୋଟିଂ ସିଟ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହା ଦ୍ୱାରା ୩୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ସିଏମ୍ଆର୍ ଆଲୁମିନିୟମ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ୨୩୪.୧୪ କୋଟି ଟଙ୍କାର ଲିକ୍ୱିଡ୍ ଆଲୁମିନିୟମ୍ ମିଶ୍ରଧାତୁ ପ୍ଲାଣ୍ଟ ସ୍ଥାପନ କରିବ,ଯାହା ୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହା ବ୍ୟତୀତ କୋରଓ୍ୱାୟାର ସର୍ଫେସ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ଯାଜପୁରରେ ୫୦.୧୦ କୋଟି ଟଙ୍କାର ଷ୍ଟିଲ୍ ରୋଲ୍ସ ମାନୁଫାକ୍ଚରିଂ ଏବଂ ରିବିଲ୍ଡିଂ ୟୁନିଟ୍ ସ୍ଥାପନ କରି ୮୫ ନିଯୁକ୍ତି ପ୍ରଦାନ କରିବ ।ଜଗତସିଂହପୁରର ଏକ ଜାହାଜ ନିର୍ମାଣ ଏବଂ ମରାମତି ୟାର୍ଡ ନିମନ୍ତେ ଚୌଗୁଲେ ଲାଭଗନ୍ ଶିପ୍ ମରାମତି ପ୍ରାଇଭେଟ୍ ଲିମିଟେଡ୍ କୁ ସୁଯୋଗ ମିଳିଛି । ଏହା ଦ୍ୱାରା ୫୫୦ କୋଟି ଟଙ୍କା ବିନିଯୋଗରେ ୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସିପ୍ ବିଲ୍ଡିଂ ଓ ମରାମତି କ୍ଷେତ୍ରକୁ ପ୍ରୋତ୍ସାହନ ମିଳିଛି ।

୧୯ ପ୍ରକଳ୍ପ ପାଇଁ ୧୭ ୨ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ

ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ର ସମ୍ପ୍ରସାରଣ ପାଇଁ ହିନ୍ଦୁସ୍ତାନ କୋକା-କୋଲା ବିଭରେଜ୍ ପ୍ରାଇଭେଟ୍ ଲିମିଟେଡ୍ ୫୧୫.୩୨ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏହା ଦ୍ୱାରା ୪୪୧ ନିଯୁକ୍ତି ସୃଷ୍ଟି ହେବ । ଏହାବ୍ୟତୀତ ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ଲିମିଟେଡ୍ ଖୋର୍ଦ୍ଧାରେ ୧୦୮ କୋଟି ଟଙ୍କାର ଏକ ୟୁନିଟ୍ ସ୍ଥାପନ କରି ରେଡି-ଟୁ-ଡ୍ରିଙ୍କ୍ ବିଭରେଜ୍, ପର୍ସନାଲ୍ କେୟାର ପ୍ରଡକ୍ଟସ୍, କଣ୍ଡିମେଣ୍ଟସ୍ ଏବଂ ସସ୍ ଉତ୍ପାଦନ ପୂର୍ବକ ୪୦୦ ନିଯୁକ୍ତି ସୃଷ୍ଟି କରିବ ।କଟକରେଶ୍ରୀ ମହାବୀର ଫେରୋ ଆଲଏଜ୍ ପ୍ରାଇଭେଟ୍ ଲିମିଟେଡ୍ ୧୧୫ କୋଟି ଟଙ୍କା ବିନିଯୋଗ କରି ୧୨୦୦ ମେଟ୍ରିକ୍ ଟନ୍ ଫେରିକ୍, ୩୦ ଲକ୍ଷ ଟି-ସାର୍ଟ ଏବଂ ୨୨ ଲକ୍ଷ କାଜୁଆଲ୍ ୱିୟର ପ୍ୟାଣ୍ଟ ଉତ୍ପାଦନ କରି ୧୦ ହଜାର ନିଯୁକ୍ତି ସୃଷ୍ଟି କରିଥିବାରୁ ଟେକ୍ସଟାଇଲ୍ ଓ ପୋଷାକ କ୍ଷେତ୍ର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ଆଇରନ୍ ଟ୍ରାଏଙ୍ଗଲ ଲିମିଟେଡ୍ ବଲାଙ୍ଗିରରେ ୧୧୩.୫୦ କୋଟି ଟଙ୍କା ବିନିଯୋଗ କରି ୧୦ ଲକ୍ଷ ଟାଓ୍ୱେଲ ଏବଂ ୨୦ ଲକ୍ଷ ଏଥନିକ୍ ୱିୟର ପୋଷାକ ଉତ୍ପାଦନ କରି୧୧୫୦ ନିଯୁକ୍ତି ସୃଷ୍ଟି କରିବ ।

ପ୍ଲାଷ୍ଟିକ୍ କ୍ଷେତ୍ରରେ ସନ୍ୟାମ ଟାଇ ଅପ୍ ପ୍ରାଇଭେଟ୍ ଲିମିଟେଡ୍ ଭଳି ଏକ ନୂତନ ପ୍ରବେଶ ଦେଖିବାକୁ ମିଳିଛି, ଯାହା ଝାରସୁଗୁଡ଼ାରେ ସର୍ଫେସ୍ ପ୍ରୋଟେକ୍ସନ ଫିଲ୍ମସ୍, ଏଲଡିପିଇ ଫିଲ୍ମସ୍, ପିଇ ଲାଇନର୍ସ, ଡାର୍ପୋଲିନ୍ ଏବଂ ରିସାଇକ୍ଲିଂ ପାଇଁ ୧୭୫ ନିଯୁକ୍ତି ସହିତ ୧୦୭.୫୦ କୋଟି ଟଙ୍କାର ଏକ ସୁବିଧା କେନ୍ଦ୍ର ସ୍ଥାପନ କରିବ ।ଖୋର୍ଦ୍ଧାର ଏକ ପଞ୍ଚ ତାରକା ହୋଟେଲରେ ଆଶୀର୍ବାଦ ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ୧୩୯ କୋଟି ଟଙ୍କା ବିନିଯୋଗ କରି ୨୫୪ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିବାରୁ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରକୁ ପ୍ରୋତ୍ସାହନ ମିଳିଛି । ସୋମାଲୋ ଇକୋ ରିସୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୧୧୦ କୋଟି ଟଙ୍କାର ବିଳାସପୂର୍ଣ୍ଣ ଇକୋ-ରିସୋର୍ଟ ବିକଶିତ କରି ୨୧୯ ନିଯୁକ୍ତି ସୃଷ୍ଟି କରିବ ଏବଂ ତବସ୍ୟା ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ କନ୍ଧମାଳର ଏକ ଇକୋ ରିସୋର୍ଟରେ ୫୨.୨୦ କୋଟି ଟଙ୍କା ନିବେଶ କରି ୨୫୦ ନିଯୁକ୍ତି ସୃଷ୍ଟି କରିବ ବୋଲି ଜଣାଯାଇଛି ।

ଆମେରିକା ଜାତୀୟ ଗୁଇନ୍ଦା ନିର୍ଦ୍ଦେଶିକା ତୁଳସୀ ଗବାର୍ଡ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ମାସରେ ତାଙ୍କର ଓ୍ୱାଶିଂଟନ ଡିସି ଗସ୍ତ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ତାଙ୍କର ଅତ୍ୟନ୍ତ ଫଳପ୍ରଦ ଆଲୋଚନାକୁ ସ୍ମରଣ କରିଥିଲେ ।

'ଚନ୍ଦ୍ରାୟାନ-୫ ମିଶନ'କୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୭।୩: କେନ୍ଦ୍ର ସରକାର ମହତ୍ୱାକାଂକ୍ଷୀ 'ଚନ୍ଦ୍ରାୟାନ-୫ ମିଶନ'କୁ ଅନୁମୋଦନ କରିଛନ୍ତି । ଏହି ମିଶନ ଅଧୀନରେ, ଚନ୍ଦ୍ରପୃଷ୍ଠର ଅଧ୍ୟୟନ ପାଇଁ ୨୫୦ କିଲୋଗ୍ରାମର ଏକ ରୋଭର ପଠାଯିବ । ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ ଏହି ଖବରକୁ ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ ଏହି ମିଶନ ଜାପାନ ସହଯୋଗରେ ପରିଚାଳିତ ହେବ । ରବିବାର ଏକ ସମ୍ବର୍ଦ୍ଧନା ଉତ୍ସବରେ ଭାଷଣ ଦେଇ ଇସ୍ରୋ ମୁଖ୍ୟ କହିଛନ୍ତି, ଚନ୍ଦ୍ରାୟାନ-୫କୁ ନିକଟରେ ସବୁଜ ସଙ୍କେତ ଦିଆଯାଇଛି । ସେ କହିଛନ୍ତି, ପୂର୍ବରୁ, ଚନ୍ଦ୍ରାୟାନ-୩ ମିଶନ ଅଧୀନରେ ୨୫ କିଲୋଗ୍ରାମର ରୋଭର 'ପ୍ରଜ୍ଞାନ' ଚନ୍ଦ୍ରକୁ ପଠାଯାଇଥିଲା, ଯାହା ସଫଳତାର ସହ ଅବତରଣ କରିଥିଲା । ଏଥର ଚନ୍ଦ୍ରାୟାନ-୫ରେ ଏକ ଅଧିକ ସକ୍ଷମ ରୋଭର ପଠାଯିବ, ଯାହା ଚନ୍ଦ୍ରପୃଷ୍ଠର ଅଧିକ ଗଭୀର ଅଧ୍ୟୟନ କରିବାକୁ ସକ୍ଷମ ହେବ । କହିରଖୁଛୁ ଯେ, ଇସ୍ରୋ ସଫଳତାର ସହ ଚନ୍ଦ୍ରାୟାନ-୩ ମିଶନ ଲଞ୍ଚ କରିଥିଲା, ଯେଉଁଥିରେ ଲ୍ୟାଣ୍ଡର୍ 'ବିକ୍ରମ' ୨୩ ଅଗଷ୍ଟ ୨୦୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ 'ସଫ୍ଟ ଲ୍ୟାଣ୍ଡିଂ' କରିଥିଲା । ଏହା ଭାରତ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଥିଲା, ଯାହା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା ।

ବୌଦ୍ଧ ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୧୭।୩(ମହାଭାରତ): ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି । ସୋମବାର ରାଜ୍ୟର ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି । ୪୩.୫ ଡିଗ୍ରୀ ସେଲସିୟସ ତାପମାତ୍ରା ସହିତ ବୌଦ୍ଧ ସହର ସବୁଠାରୁ ଉତ୍ତପ୍ତ ସହର ଭାବରେ ଉଭା ହୋଇଛି । ରବିବାର ଭଳି ଆଜି ମଧ୍ୟ ବୌଦ୍ଧ ଦେଶର ସର୍ବାଧିକ ଉତପ୍ତ ସହର ଭାବେ ଗଣା ହୋଇଛି ।

ପାଣିପାଗ ବିଭାଗ ଅନୁଯାୟୀ, ବୌଦ୍ଧରେ ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ୍ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ବରଗଡ଼ ରହିଛି । ବରଗଡ଼ରେ ୪୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ଅନୁଗୁଳର ତାପମାତ୍ରା ୪୦.୭ ଡିଗ୍ରୀ ସେଲସିୟସ୍, ଟିଟିଲାଗଡ଼ର ୪୦.୫ ଡିଗ୍ରୀ ସେଲସିୟସ୍ ଏବଂ ମାଲକାନଗିରିର ୪୦.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଏହା ବ୍ୟତୀତ ଭୁବନେଶ୍ୱରରେ ୩୬.୭ ଏବଂ କଟକ ୩୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି ।

ସେହିପରି ଦୁଇ ଦିନ ପରେ ପାଣିପାଗର ମିଜାଜ୍ ବଦଳିବ । କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଆଣିବ । ସାରା ଓଡ଼ିଶା ବର୍ଷାରେ ଭିଜିବ ମାର୍ଚ୍ଚ ୨୦ ରୁ ୨୨ କାଳବୈଶାଖୀର ପ୍ରଭାବରେ ବର୍ଷା ଜାରି ରହିବ । ଗୋଟେ ସପ୍ତାହରୁ ଅଧିକ ହେବ । ଗ୍ରୀଷ୍ମ ପ୍ରବାହ ଜାରି ରହିଛି ଦିନର ତାପମାତ୍ରା ଅଣାୟତ୍ତ ହେଉଛି ।ଗତ ୨ ଦିନ ହେବ ବୌଦ୍ଧ ଦେଶର ଉତ୍ତପ୍ତ ସହର ପାଲଟିଥିବାବେଳେ ସୋମବାର ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଛି । ଏଭଳି ଖରା ଆଉ ଦୁଇ ଦିନ ଅନୁଭୂତ ହେବ । ୧୯ ରୁ ୨୨ ରାଜ୍ୟରେ କାଳବୈଶାଖୀର ପ୍ରଭାବ ଯଥେଷ୍ଟ ଅଧିକ ରହିବ ବାୟୁମଣ୍ଡଳର ଉପରି ଭାଗରେ ଏକ ନିମ୍ନ ଚାପରେଖା ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ବଙ୍ଗୋପସାଗରରେ ଏକ ଗୁରୁଚାପ ବଳୟ ଓଡିଶା ଉପକୂଳସ୍ଥ ହେବା ସହ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଯଥେଷ୍ଟ ମାତ୍ରାରେ ରାଜ୍ୟ ମଧ୍ୟକୁ ପ୍ରବେଶ କରିବାର ସମ୍ଭବନା ରହିଛି ।

ପରଲୋକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୭।୩(ସ୍ୱାଧିକାରନ୍ୟୁଜ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡ଼.ଦେବେନ୍ଦ୍ର ପ୍ରଧାନଙ୍କ ୮୩ ବର୍ଷ ବୟସରେ ଦିଲ୍ଲୀ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ଆଜି ସକାଳେ ୧୦ଟା ୩୦ ମିନିଟରେ ତାଙ୍କର ପରଲୋକ ହୋଇଯାଇଛି । ବାଜପେୟୀ ସରକାରରେ କେନ୍ଦ୍ରମନ୍ତ୍ରୀ ଥିବାବେଳେ ୧୯୪୧ ମସିହାରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ସେ ଜନ୍ମ ହୋଇଥିଲେ । ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ରାଜ୍ୟପାଳ ଡ. ହରିବାବୁ କୁମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଦଳମତ ନିର୍ବିଶେଷରେ ସମସ୍ତେ ଶୋକ ପ୍ରକାଶ କରିଛନ୍ତି । ଆଜି ତାଙ୍କର ମରଶରୀରକୁ ଭୁବନେଶ୍ୱର ଅଣାଯାଇଥିବାବେଳେ ଅ।ସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାର ନିଅ।ଯାଇ ଦେବେନ୍ଦ୍ର ପ୍ରଧାନଙ୍କ ଶେଷକୃତ୍ୟ କରାଯିବ ବୋଲି ସୂଚନା ମିଳିଛି ।

ଡକ୍ଟର ଦେବେନ୍ଦ୍ର ପ୍ରଧାନ ଏକାଧାରରେ ଥିଲେ ଜଣେ ଚିକିତ୍ସକ, କୃଷିବିତ୍ ଓ ସମାଜସେବୀ । ୧୯୪୧ ମସିହା ଜୁଲାଇ ୧୬ ତାରିଖରେ ତାଙ୍କର ଜନ୍ମ ହୋଇଥିଲା । କଣିହାଁ ଓ ତାଳଚେରରୁ ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷା କରିବା ପରେ ଅନୁଗୋଳ କଲେଜରୁ ହାସଲ କରିଥିଲେ ଉଚ୍ଚଶିକ୍ଷା । ୧୯୬୬ରେ କଟକ ଏସସିବି ମେଡିକାଲ କଲେଜରୁ ଏମବିବିଏସ ଡିଗ୍ରୀ ହାସଲ କରିଥିଲେ ଦେବେନ୍ଦ୍ର ପ୍ରଧାନ । ତାପରେ ତାଳଚେର ଡେରାରେ ମେଡିକାଲ ଅଫିସର ଭାବେ ଆରମ୍ଭ କରିଥିଲେ ଚାକିରି ଜୀବନ । ୧୯୭୩ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ୧୯୮୦ ମସିହାରେ ବିଜେପିରେ ଯୋଗ ଦେଇଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ । ୧୯୮୦ରୁ ୮୩ ଯାଏ ସେ ବିଜେପି ତାଳଚେର ମଣ୍ଡଳର ସଭାପତି ଥିଲେ । ୧୯୮୩ରେ ଢେଙ୍କାନାଳ ଜିଲ୍ଲା ବିଜେପିର ସଭାପତି ହୋଇଥିଲେ । ୧୯୮୪ ମସିହାରେ ଦେବଗଡ଼ ଆସନରୁ ବିଜେପିର ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ । ୧୯୮୮ ମସିହାରେ ସେ ହୋଇଥିଲେ ବିଜେପିର ରାଜ୍ୟ ସଭାପତି । ୧୯୯୭ରେ ବିଜେପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ହୋଇଥିଲେ ।୧୯୯୮ରେ ଦେବଗଡ଼ ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ସହ କେନ୍ଦ୍ରମନ୍ତ୍ରୀ ମଧ୍ୟ ହୋଇଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ । ୧୯୯୯ରେ ପୁଣି ଦେବଗଡ଼ ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ସହ କେନ୍ଦ୍ରମନ୍ତ୍ରୀ ବି ହୋଇଥିଲେ । ୨୦୦୧ ମସିହାରେ ସେ ହୋଇଥିଲେ ବିଜେପିର ଜାତୀୟ ଉପ-ସଭାପତି । ୨୦୦୨ ମସିହା ଯାଏ ଏହି ଦାୟିତ୍ୱରେ ରହିଥିଲେ ଡକ୍ଟର ଦେବେନ୍ଦ୍ର ପ୍ରଧାନ ।

ଦିଲ୍ଲୀ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଦର୍ଶନ କରିବା ପରେ ଦେବେନ୍ଦ୍ର ପ୍ରଧାନଙ୍କ ପାର୍ଥିବ ଶରୀରକୁ ଏୟାର ଇଣ୍ଡିଆ ।ର ବିମାନ ଯୋଗେ ମରଶରୀର ନୂଆ ।ଦିଲ୍ଲୀରୁ ଭୁବନେଶ୍ୱର ବିମାନବନ୍ଦରରେ ଅଣାଯାଇଛି । ବିମାନବନ୍ଦରରେ ମରଶରୀରକୁ ଗାର୍ଡ ଅଫ୍ ଅନର ଦିଆ ।ଯାଇଛି । ଗାର୍ଡ ଅଫ୍ ଅନର ଦିଆ ।ଯିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିଥିଲେ । ବିମାନବନ୍ଦରରେ ଦେବେନ୍ଦ୍ରଙ୍କୁ ଶେଷ ଥର ପାଇଁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବିମାନ ବନ୍ଦରରେ ପହଞ୍ଚିଥିଲେ । ବିଭିନ୍ନ ଦଳର ରାଜନେତା ବିମାନ ବନ୍ଦରରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି । ପୁଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟ ଶାସନ ସଚିବ ମଧ୍ୟ ଉପସ୍ଥିତ ଥିଲେ । ଭୁବନେଶ୍ୱର ବିମାନବନ୍ଦରରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ରପ୍ରଧାନଙ୍କ ମରଶରୀରକୁସିଧା ଦଳୀୟ କାର୍ଯ୍ୟାଳୟକୁନିଆଯାଇଥିଲା । ବିଜେପିରାଜ୍ୟ କାର୍ଯ୍ୟାଳୟରେ ନେତା ଓ କର୍ମୀ ଦେବେନ୍ଦ୍ର ପ୍ରଧାନଙ୍କ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି

ପ୍ରସ୍ତୁତ କରନ୍ତୁ ଚକଲେଟ

ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଚକଲେଟ ପସନ୍ଦ ହୋଇଥାଏ । ତେଣୁ କରୋନା ପାଇଁ ବାହାରକୁ ବାହାରି ହେଉନାହିଁ । ଏଣୁ ଘରେ ରହି ମଧ୍ୟ ଆସନ୍ତୁ ଆଜି ପ୍ରସ୍ତୁତ କରିବା ଚକଲେଟ ।

ଆବଶ୍ୟକୀୟ ସାମଗ୍ରୀ : ଲୁଣ ନଥିବା ବଟର , ଆଇସିଙ୍ଗ ସୁଗାର, ଭାନିଲା ଇସେନ୍ସ୍, କୋକୋ ପାଉଡ଼ର, ମିଲ୍କି ପାଉଡ଼ର,ଆଲମଣ୍ଡ ଖଣ୍ଡ , ଗୁଆ ଘିଅ ।

ପ୍ରସ୍ତୁତି ପ୍ରଣାଳୀ : ଗ୍ୟାସ ଅନ କରି ସେଥିରେ ଏକ ପାତ୍ର ବସାନ୍ତୁ । ଅଳ୍ପ ଗୁଆ ଘିଅ ପକାନ୍ତୁ ସେଥିରେ ଖଣ୍ଡ ଆଲମଣ୍ଡ ପକାଇ ଧୀରେ ଧୀରେ ଭାଜନ୍ତୁ । ଟିକେ କଲର ହେବା ପରେ ତାକୁ ଗାଡି ଦିଅନ୍ତୁ । ଚିନି ଗୁଣ୍ଡ , କୋକୋ ପାଉଡ଼ର , ମିଲକି ପାଉଡ଼ର ଆଦିକୁ ଭଲ ଭାବେ ଏକ ଚଲାରେ ଚଲେଇ ଦିଅନ୍ତୁ । ଯାହା ଦ୍ୱାରା ଏଥିରେ ଥିବା ଖଦଡ଼ା ଅଂଶ ଅଲଗା ହୋଇଯିବ । ଏକ ପାତ୍ର ନିଅନ୍ତୁ ଏବଂ ସେଥିରେ କିଛି ବଟର ପକାନ୍ତୁ । ବଟର ମେଲଟ ହେଲା ପରେ ଚିନି ଗୁଣ୍ଡକୁ ପକାନ୍ତୁ । ଭଲ ଭାବରେ ମିଶିଗଲା ଦୁଇ ବୁଧା ଭାନିଲା , ମିଲକି ପାଉଡ଼ର ଏବଂ କୋକ ପାଉଡ଼ରକୁ ପକାଇ ଭଲ ଭାବେ ମିଶାନ୍ତୁ । ଭଲ ଭାବେରେ ମିଶିଗଲା ପରେ ଏଥିରେ ବାଦାମ ଖଣ୍ଡ ପକାଇ ଦିଅନ୍ତୁ । ଏହ ପରେ ଏହି ମିଶ୍ରଣକୁ ଚକଲେଟ ଛାଞ୍ଚରେ ପକାନ୍ତୁ । ଏହାକୁ ଫ୍ରିଜରେ ରଖନ୍ତୁ । ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହାକୁ ରଖନ୍ତୁ । ଚକଲେଟ ସେଟ ହୋଇଗଲା ପରେ ଏହାକୁ ଛାଞ୍ଚରୁ ବାହାର କରନ୍ତୁ । ପ୍ରସ୍ତୁତ ହୋଇଗଲା ଚକେଲଟ ।

..... ପରଦା ଖବର .....

ଦୁର୍ବଳ ଓ ଶୁଷ୍କ ନଖର ଫଟୋ ସେୟାର କରି ଟ୍ରୋଲର୍ସଙ୍କୁ କଡ଼ା ଜବାବ ଦେଲେ ହିନା



ଟେଲିଭିଜନ ଅଭିନେତ୍ରୀ ହିନା ଖାନ ସମ୍ପ୍ରତି କେମୋଥେରାପି ଯୋଗୁଁ ଶୁଖିଲା ଏବଂ ଦୁର୍ବଳ ହୋଇଯାଇଥିବା ତାଙ୍କ ନଖର ଏକ ଫଟୋ ସେୟାର କରିଛନ୍ତି । ହିନା ଖାନ ଇନଷ୍ଟାଗ୍ରାମରେ ତାଙ୍କ ନଖର ଏକ ଫଟୋ ସେୟାର କରି କ୍ୟାପସନରେ ଲେଖିଛନ୍ତି, 'ଆଚ୍ଛା, ଆପଣମାନେ ଅନେକ ମୋ ନଖ ବିଷୟରେ ପଚାରୁଛନ୍ତି । ଏହି ତାଲିକାରେ ମୋ କୋଠାର କିଛି ଲୋକ ବି ସାମିଲ ଅଛନ୍ତି । ମୁଁ କୌଣସି ନେଲପଲିସ୍ ଲଗାଇ ନାହିଁ ହାହାହାହା ।

ମୁଁ ନେଲପଲିସ୍ ଲଗାଇ କିପରି ପ୍ରାର୍ଥନା କରିପାରିବି । ଏହା ରମଜାନ ମାସ ହୋଇଥିବାରୁ ଇସଲାମରେ ନଖରେ ରଙ୍ଗ ଲଗାଇ ନମାଜ ପଢ଼ାଯାଏ ନାହିଁ । ପ୍ରିୟ ବନ୍ଧୁଗଣ, ଆପଣମାନେ ନିଜର ବୁଦ୍ଧିକୁ ଟିକେ ବ୍ୟବହାର କରନ୍ତୁ । କେମୋଥେରାପିର ସବୁଠାରୁ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ନଖର ରଙ୍ଗ ବଦଳାଇ ଦେବ । ମୋର ନଖ ଦୁର୍ବଳ ଓ ଶୁଷ୍କ ହୋଇଗଲାଣି । କେତେକ ଆଙ୍ଗୁଳିରୁ ନଖ ଉପୁଡ଼ି ଗଲାଣି । କିନ୍ତୁ କିନ୍ତୁ... ଭଲ କଥା କ'ଣ ଜାଣନ୍ତି... ଏହା ସବୁ ଅସ୍ଥାୟୀ । ଏବଂ ମନେରଖନ୍ତୁ ମୁଁ ଧୀରେଧୀରେ ସୁସ୍ଥ ହେଉଛି । ଗତ ବର୍ଷ ହିନା ଖାନଙ୍କ ତୃତୀୟ ପର୍ଯ୍ୟାୟ ସ୍ତନ କର୍କଟ ରୋଗ ଚିହ୍ନଟ ହୋଇଥିଲା । ସେବେଠାରୁ ସେ ତାଙ୍କ ଫ୍ୟାନ୍ସମାନଙ୍କ ସହିତ ସୋସିଆଲ ମିଡିଆରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ସେୟାର କରି ଚାଲିଛନ୍ତି ।

ଗୋଲାପ ଚା' ପିଇଲେ ଚମକିବ ତ୍ୱଚା ,କମିବ ଓଜନ

ତ୍ୱଚାର ଚମକ ପାଇଁ ଆପଣ ନିଜ ଦୈନ୍ ରୁଟିନରେ ଗୋଲାପ ଜଳ ପ୍ରୟୋଗ କରନ୍ତି । ଗୋଲାପ ଜଳରୁ ବ୍ୟତୀତ ଅତ୍ୟଧିକ ଲାଭ ମିଳିଥାଏ । ତ୍ୱଚାରେ ଗୋଲାପ ଲଗାଇବାର ତ ଅନେକ ଫାଇଦା ରହିଛି କିନ୍ତୁ ଯଦି ଆପଣ ଏହାକୁ ଖାଇବା ପାଇଁ ବ୍ୟବହାର କରୁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଭରପୂର ଫାଇଦା ମିଳିଥାଏ । ଗୋଲାପ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ହୋଇପାରେ । ଆମେ ସାଧାରଣତଃ ଗୋଲାପ ଜଳକୁ କସମେଟିକ୍ ରୂପକୁ ବ୍ୟବହାର କରିଥାଉ । କିନ୍ତୁ ଆଜି ଆମେ ଆପଣଙ୍କୁ ଗୋଲାପ ଚା' ବିଷୟରେ କହିବାକୁ ଯାଉଛୁ । ଗୋଲାପ ଚା' ଦ୍ୱାରା ଆପଣଙ୍କ ଶରୀରକୁ ଅନେକ ଲାଭ ମିଳିଥାଏ । ଓଜନ କମଠୁ ନେଇ ତ୍ୱଚାରେ ଚମକ ଆଣିବାର କାମ କରୁଥିବା ଏହି ଚା ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

ଶ୍ରୀରାମଙ୍କ ନାମର ମହିମା

'ରାମ' ଶବ୍ଦର ଅର୍ଥ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଏହାର ଉଚ୍ଚାରଣ ସେତିକି ମଧୁର । ଶ୍ରଦ୍ଧାର ସହ 'ରାମ' ନାମ ଉଚ୍ଚାରଣ କରିବା ମାତ୍ରେ ଶରୀର ଏବଂ ମନରେ ଏକ ଅଦ୍ଭୁତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯାହା ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ । ଏହି ଶବ୍ଦର ଧ୍ୱନିକୁ ନେଇ ଅନେକ ଗବେଷଣା ହୋଇଛି । ଏହାଦ୍ୱାରା ରାମନାମ ଉଚ୍ଚାରଣ ଦିବ୍ୟ ପ୍ରଭାବ ସିଦ୍ଧ ହୋଇପାରିଛି । ସେଥିପାଇଁ କୁହାଯାଏ ରାମଙ୍କ ଠାରୁ ଶ୍ରେଷ୍ଠ 'ଶ୍ରୀରାମଙ୍କ ନାମ" । ଶ୍ରୀରାମଙ୍କ ନାମ ଜପ କରି ଅନେକ ସାଧୁସନ୍ଥ ମୁକ୍ତିଲାଭ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଏହି ଧ୍ୱନିର ବିଜ୍ଞାନ ସହିତ ପରିଚିତ ଥିବା ଲୋକମାନେ 'ରାମ' ନାମର ମହିମାକୁ ନିଶ୍ଚିତରୂପେ ଅନୁଭବ କରିଥିବେ । 'ରାମ' ଶବ୍ଦର ଉଚ୍ଚାରଣ କରିବା ମାତ୍ରେ ପବନରେ ଏକ ବିଶେଷ ଆକୃତି ସୃଷ୍ଟି ହୋଇଥାଏ । ଫଳରେ ବିଚାର ଶୁଦ୍ଧ ହୋଇଥାଏ । ବ୍ୟକ୍ତି ଲଗାତାର 'ରାମ' 'ରାମ' ଜପ କରି ଚାଲିଲେ ସମଗ୍ର ଶରୀରରେ ଏହାର ଅନୁଭବ ହୋଇଥାଏ । ମନୁଷ୍ୟ ଶରୀର ବାହାରେ ଏକ ଅଦ୍ଭୁତ ସୁରକ୍ଷା ବଳୟ ସୃଷ୍ଟି ହୋଇଥାଏ । ଏହି ସକାରାତ୍ମକ ସୁରକ୍ଷା ବଳୟ ଅର୍ନ୍ତମନ ଏବଂ ବାହାରେ ଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ।

ରୁଦ୍ରାକ୍ଷର ଧାର୍ମିକ ମହତ୍ୱ

ରୁଦ୍ରାକ୍ଷ ଏକମାତ୍ର ଏମିତି ଫଳ ଯାହାର ଧର୍ମ, କର୍ମ, ଅର୍ଥ ଏବଂ ମୋକ୍ଷ ପ୍ରଦାନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଶିବ ପୁରାଣ, ପଦ୍ମ ପୁରାଣ, ରୁଦ୍ରାକ୍ଷକଳ୍ପ, ରୁଦ୍ରାକ୍ଷ ମାହାତ୍ମ୍ୟ ଆଦି ରୁଦ୍ରାକ୍ଷ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି । ରୁଦ୍ରାକ୍ଷ ସମସ୍ତଙ୍କ ଲଭଦାୟୀ । କିନ୍ତୁ ମୁଖ ଅନୁସାରେ ଏହାର ମହତ୍ୱ ଭିତ୍ତ ଭିତ୍ତ ରହିଥାଏ । ପ୍ରତ୍ୟେକ ରୁଦ୍ରାକ୍ଷ ଉପରେ ଧାରା ରହିଥାଏ । ଧାରା ଅନୁଯାୟୀ ରୁଦ୍ରାକ୍ଷର ମୁଖ ନିର୍ଣ୍ଣୟ ହୋଇଥାଏ । ରୁଦ୍ରାକ୍ଷ ଏକମୁଖୀରୁ ଏକୋଇଶ ମୁଖୀ ରହିଛି । ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ଘରେ ନିୟମିତ ରୁଦ୍ରାକ୍ଷ ପୂଜା ହୋଇଥାଏ । ସେଠାରେ ଅନ୍ନ, ବସ୍ତ୍ର, ଧନର ଅଭାବ ରହେନାହିଁ । ଏମିତି ଘରେ ସର୍ବଦା ମା ଲକ୍ଷ୍ମୀ ବାସ କରନ୍ତି । ବିଶ୍ୱାସ ରହିଛି ଯେ ରୁଦ୍ରାକ୍ଷ ଧାରଣ କରୁଥିବା ବ୍ୟକ୍ତି କିମ୍ବା ପୂଜା କରୁଥିବା ବ୍ୟକ୍ତି ଶେଷ ସମୟରେ ଶରୀରକୁ ତ୍ୟାଗ କରି ଶିବଲୋକରେ ସ୍ଥାନ ପ୍ରାପ୍ତ କରିଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ସତୀଙ୍କ ଦେହ ତ୍ୟାଗରେ ଶିବ ଅତ୍ୟନ୍ତ ଦୁଖୀ ହୋଇଯାଇଥିଲେ । ଶିବଙ୍କ ଆଖିରୁ ଝରିଥିବା ଲୁହ ଯେଉଁଠାରେ ପଡିଥିଲା । ସେଠାରେ ରୁଦ୍ରାକ୍ଷ ଉତ୍ପନ୍ନ ହୋଇଥିଲା । ସେଥିପାଇଁ ଶନି ଚନ୍ଦ୍ରମାଙ୍କୁ ପୀଡିତ କରି ଆପଣଙ୍କୁ କଷ୍ଟ ଦିଅନ୍ତୁ, ରୁଦ୍ରାକ୍ଷ ସବୁ ଦୃଷ୍ଟିରୁ ଫଳଦାୟୀ ହୋଇଥାଏ ।

ଯଦି କୁଣ୍ଡଳୀରେ କଳସର୍ପ ଦୋଷ ଥାଏ ଏବଂ ଜୀବନରେ ସମସ୍ୟା ଦେଖାଦିଏ ତାହେଲେ ରୁଦ୍ରାକ୍ଷ ଧାରଣ କଲେ ଅନୁକୂଳ ଫଳ ପ୍ରାପ୍ତ ହୋଇଥାଏ । ଯଦି କୌଣସି ଶୁଭ ଦିନରେ ଗଙ୍ଗା ସ୍ନାନ କରିବାକୁ ଚାହୁଁଛନ୍ତି ଏବଂ କୌଣସି କାରଣବଶତଃ ଗଙ୍ଗାକୂଳକୁ ଯାଇ ନ ପାରନ୍ତି ତାହେଲେ ରୁଦ୍ରାକ୍ଷକୁ ମୁଣ୍ଡରେ ରଖି ଭଗବାନ ଶିବଙ୍କୁ ଧ୍ୟାନ କଲେ ଗଙ୍ଗା ସ୍ନାନର ଫଳ ପ୍ରାପ୍ତ ହୋଇଥାଏ ।

ମଣିଷ ଭଳି ଆଚରଣ ଜରୁରୀ

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ



ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

ମଧୁବାବୁଙ୍କ ଜନ୍ମସ୍ଥଳୀ ଓ କର୍ମସ୍ଥଳୀର ଉନ୍ନତିକରଣ ନେଇ ସମୀକ୍ଷା

ଭୁବନେଶ୍ୱର,୧୭।୩ (ମହାଭାରତ): ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଏବଂ ଆଦର୍ଶର ପଟାନ୍ତର ନାହିଁ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ସବୁଠି ମଧୁସୂଦନଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଏହି ମହାନ ଯୋଗଜନ୍ମା ମହାପୁରୁଷଙ୍କ ଜନ୍ମ ଓ କର୍ମଭୂମିର ସଂରକ୍ଷଣ ଓ ବିକାଶ ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଏହି ଦାୟିତ୍ୱକୁ ସଠିକ୍ ରୂପେ ପାଳନ କରିବା ପାଇଁ ଆମ ସରକାର ବଦ୍ଧପରିକର ବୋଲି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଓ କର୍ମଭୂମିର ଉନ୍ନତିକରଣ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମତବ୍ୟକ୍ତ କରିଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମଧୁବାବୁଙ୍କ ଜନ୍ମଭୂମି, ଏନ୍ତୁଡ଼ିଶାଳ, ମଧୁକୋଠି, ବାଲିପୋଖରୀ ଏବଂ କର୍ମସ୍ଥଳୀ ଆଦିର ଉନ୍ନତିକରଣ ନେଇ କ'ଣ ସବୁ ପଦକ୍ଷେପ ନିଆଯିବା ଜରୁରୀ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ, ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ଟ୍ରଷ୍ଟ ଏବଂ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସହିତ

ଆଲୋଚନା କରିଥିଲେ। ଏଥିସହିତ ଏଠାରେ ପାର୍କିଂସ୍ଥଳ, ଲାଇବ୍ରେରୀ, ବହୁମୁଖୀ କେନ୍ଦ୍ର, ଦୃଶ୍ୟଶ୍ରାବ୍ୟ ଗୃହ ଏବଂ ମ୍ୟୁଜିୟମ୍ ନିର୍ମାଣ ସହ ପୂର୍ବରୁ ଥିବା ସମସ୍ତ ଐତିହ୍ୟସ୍ଥଳୀର ପ୍ରାକୃତିକ ଶୈଳୀରେ ସଂରକ୍ଷଣ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାବାସୀଙ୍କ ଭାବାବେଗ ଓ ସମ୍ମାନ ସହ ମଧୁବାବୁଙ୍କ ଜୀବନୀ ଜଡ଼ିତ ଥିବାରୁ ପୀଠର ନବୀକରଣ ସମୟରେ ସେ ସମୟର ସ୍ମୃତି ଯେପରି ବଜାୟ ରହେ, ତାହା ଉପରେ ଧ୍ୟାନଦେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଓବିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଉତ୍କଳଗାନ୍ଧୀ ସ୍ମାରକନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ଜାତୀୟ ଉପସଭାନେତ୍ରୀ ଗାୟତ୍ରୀ ଦାସ, ମଧୁସ୍ମୃତି କମିଟିର ସଭାପତି ଗୋପାଳକୃଷ୍ଣ ବେହେରା, ସତ୍ୟଭାମାପୁର ମଧୁପୀଠ ଉନ୍ନୟନ କମିଟିର ସଂଯୋଜକ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧି ନୂଆଦିଲ୍ଲୀ ଟ୍ରଷ୍ଟି ଡା. ବିଶ୍ୱଜିତ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ମଧୁସ୍ମୃତି କମିଟି ସଦସ୍ୟା ପ୍ରଫେସର ସ୍ୱପ୍ନା ମହାପାତ୍ର, କସ୍ତୁରବା ଗାନ୍ଧୀ ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକ ଏବଂ ରାଷ୍ଟ୍ରୀୟ ଯୁବସଂଗଠନର ସୂର୍ଯ୍ୟ ନାରାୟଣ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

୪ ଦିନ ବନ୍ଦ ରହିବ ବ୍ୟାଙ୍କ୍

ଭୁବନେଶ୍ୱର,୧୭।୩ (ମହାଭାରତ): ଇଣ୍ଡିଆନ୍ ବ୍ୟାଙ୍କସ୍ ଆସୋସିଏସନ୍ (ଆଇବିଏ) ସହିତ ଆଲୋଚନା ବିଫଳ ହେବା ପରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫବିୟୁ) ମାର୍ଚ୍ଚ ୨୪ ଏବଂ ୨୫ ରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛି। ୟୁଏଫବିୟୁର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ନିଯୁକ୍ତି, ଚାକିରି ସୁରକ୍ଷା ଏବଂ ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ଆଦି ରହିଛି। ବିଭିନ୍ନ ଦାବି ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫବିୟୁ) ମାର୍ଚ୍ଚ ୨୪ଏବଂ ୨୫ ତାରିଖ ଦୁଇ ଦିନିଆ ଧର୍ମଘଟ ଡାକରା ଦେଇଛି। ୟୁଏଫବିୟୁର ଦାବିଗୁଡ଼ିକ ମଧ୍ୟରେ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା ଏବଂ ବ୍ୟାଙ୍କିଙ୍ଗ ଶିଳ୍ପରେ ୫ ଦିନିଆ କାର୍ଯ୍ୟ ସପ୍ତାହ ଅନ୍ତର୍ଭୁକ୍ତ।

ସରକାରୀ ସୂତ୍ର ଅନୁଯାୟୀ, ପ୍ରମୁଖ ଦାବିଗୁଡ଼ିକ ଉପରେ ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ସହିତ ୟୁଏଫବିୟୁ ଆଲୋଚନା କୌଣସି ସକାରାତ୍ମକ ଫଳାଫଳ ମିଳିପାରିନାହିଁ। ଫଳରେ ୟୁଏଫବିୟୁ ଏହାର ପ୍ରସ୍ତାବିତ ଦୁଇ ଦିନିଆ। ଦେଶବ୍ୟାପୀ ଧର୍ମଘଟକୁ ଆଗକୁ ବଢ଼ାଇବାକୁ ଯୋଜନା କରିଛି।

ଆଇବିଏ ସହିତ ଏକ ବୈଠକରେ, ସମସ୍ତ ୟୁଏଫବିୟୁ ସାଂଗଠନିକ ସଦସ୍ୟ ସମସ୍ତ କ୍ୟାଡରରେ ନିଯୁକ୍ତି ଏବଂ ପାଞ୍ଚ ଦିନିଆ। କାର୍ଯ୍ୟସପ୍ତାହ ସମେତ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ତଥାପି, ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଅସମାପ୍ତ ହୋଇ ରହିଛି, ନ୍ୟାସନାଲ କନଫେଡେରେସନ ଅଫ୍ ବ୍ୟାଙ୍କ ଏମ୍ପ୍ଲଇଜ୍ (ଏନସିବିଇ)ର ମହାସଚିବ ଏଲ୍ ଚନ୍ଦ୍ରଶେଖର କହିଛନ୍ତି। ରାଜ୍ୟର ୬ ହଜାର ସରକାରୀ ବ୍ୟାଙ୍କ ଶାଖାର ୩୭ ହଜାରରୁ ଅଧିକ କର୍ମଚାରୀ ସାମିଲ ହେବେ ବୋଲି ସାମ୍ବାଦିକ ସମ୍ମିଳନୀ କରି ୟୁଏଫବିୟୁ ଓଡ଼ିଶା ଶାଖା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଧର୍ମଘଟ ପୂର୍ବରୁ ମାର୍ଚ୍ଚ ୨୨ ଓ ୨୩ ତାରିଖ ସାପ୍ତାହିକ ଛୁଟି ଥିବାରୁ ଲଗାତାର ୪ ଦିନ ବନ୍ଦ ରହିବ ବ୍ୟାଙ୍କିଙ୍ଗ ସେବା ବନ୍ଦ ରହିବ ବୋଲି ୟୁଏଫବିୟୁ ଓଡ଼ିଶା ଶାଖାର ଆହ୍ୱାନକ ଅରୁଣ କୁମାର ବିଷୋୟୀ ସୂଚନା ପ୍ରଦାନ କରିଛନ୍ତି।

ଓଲିଉଡ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୭।୩ (ମହାଭାରତ): ପ୍ରତିବର୍ଷ ପରି ଚଳିତବର୍ଷ କିସ୍‌ରେ ପାଳିତ ହୋଇଯାଇଛି। କିସ୍ ଦୂତୀଚାନ୍ଦ ଷ୍ଟାଡ଼ିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଦିବଂଗତ ଓଲିଉଡ୍ ସୁପରଷ୍ଟାର ଉତ୍ତମ ମହାନ୍ତି ଓ ସଂଗୀତ ନିର୍ଦ୍ଦେଶକ ବିନୟ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍

ନିରବ ପ୍ରାର୍ଥନା କରାଯାଇଥିଲା। ପରେ କିସ୍ ଛାତ୍ରଛାତ୍ରୀମାନେ ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ରାଭିନେତାଙ୍କ ସହ ହୋଲି ପାଳିଥିଲେ। ପାରମ୍ପରିକ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ ଦୋଳିରେ ଝୁଲୁଥିବା କିସ୍ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅଭିନେତା, କଳାକାରମାନେ ରଙ୍ଗ ବୋଳି ଅବିର ପର୍ବ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ କିସ୍ ପିଲାମାନଙ୍କ ସହ ଅବିର ଖେଳିବା ସହ ନୃତ୍ୟ, ସଂଗୀତ, ସଂଳାପ ଓ ହାସ୍ୟରସରେ ପିଲାମାନଙ୍କ ମନୋରଞ୍ଜନ କରିଥିଲେ। ପ୍ରତିବର୍ଷ କିସ୍ ଛାତ୍ରଛାତ୍ରୀଙ୍କ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ସିନେ ସମୀକ୍ଷକ ଦିଲୀପ ହାଲି, ସଂଳାପକାର ଡ. ରଜନୀରଞ୍ଜନ, ବିଜୟ ମଲ୍ଲ, ନିର୍ଦ୍ଦେଶକ ଓ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ସଞ୍ଜୟ ନାୟକ, ବସନ୍ତ ସାହୁ, ଜୁବୁଲି ସୁନ୍ଦରାୟ, ଅଜୟ ରାଉତରାୟ, ତାପସ ସରଗରିଆ, ଅବତାର ସିଂହ, ବବି ଇସ୍‌ଲାମ, ଡି ରେଡ୍ଡୀ, ସୁକାନ୍ତ ରଥ, ନମ୍ରତା ଥାପ୍ପା, ଲିପ୍‌ସା, ପୁଷ୍ପା ପଣ୍ଡା, ପ୍ରତିଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱରରେ ହେବ ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖା

ଭୁବନେଶ୍ୱର,୧୭।୩ (ମହାଭାରତ): ଭୁବନେଶ୍ୱରରେ ସ୍ଥାପନ ହେବ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ସେଣ୍ଟରର ଏକ ଶାଖା। ଏନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱାତଙ୍କୁ ଗତ ୧୩ ମାର୍ଚ୍ଚରେ ନୂଆଦିଲ୍ଲୀରେ ସାକ୍ଷାତ କରିବା ଅବସରରେ ଏକ ଦାବି ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ନେଇ ଭୁବନେଶ୍ୱର ସାଂସଦଙ୍କୁ ଆଶ୍ୱାସନା ଦେବା ସହିତ ଶୀଘ୍ର ଏହାର କାମ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ରଖିଛନ୍ତି। ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଗତ ୨୦୨୪ ସେପ୍ଟେମ୍ବର ୧୦ ତାରିଖରେ ବ୍ରାଞ୍ଚ ଅଫ୍ ନାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ଣ୍ଣ ଆର୍ଟ ବା ଏନଜିଏମଏ, ଭୁବନେଶ୍ୱରରେ ପ୍ରତିଷ୍ଠା କରିବାକୁ କେନ୍ଦ୍ର ନିକଟରେ ପ୍ରଥମେ ପ୍ରସ୍ତାବ

ରଖିଥିଲେ। ପୂର୍ବରୁ ୨୫ ସେପ୍ଟେମ୍ବର ୨୦୨୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭୁବନେଶ୍ୱରରେ ଏକ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ଏକ ଶାଖା ପ୍ରତିଷ୍ଠା ନେଇ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଶୀଘ୍ର ଏକ ଚିଠି ଲେଖି ଦାବି ଜଣାଇଥିଲେ। ଏହି ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖାରେ ଖଣ୍ଡଗିରି, ଉଦୟଗିରି, ହାତୀ ଗୁମ୍ଫା, ଲିଙ୍ଗରାଜ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର ପରି ସ୍ଥାପତ୍ୟ ସ୍ଥାନ ଦେବାକୁ ପରାମର୍ଶ ରଖିଥିଲେ ମୁଖ୍ୟମନ୍ତ୍ରୀ। ପୁଣି ଥରେ ରାଜ୍ୟ ସରକାରଙ୍କ ଦାବିକୁ କେନ୍ଦ୍ର ନିକଟରେ ଭୁବନେଶ୍ୱର ସାଂସଦ ଦୋହରାଇବା ପରେ ଏ ଦିଗରେ ସକରାତ୍ମକ ପଦକ୍ଷେପ ଗ୍ରହଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ।

ସାରାଦେଶରେ ଭୁବନେଶ୍ୱର ମନ୍ଦିର ମାଳିନୀ ନଗରୀ ଭାବେ ଖ୍ୟାତି ଅର୍ଜନ କରିଛି। ପର୍ଯ୍ୟଟନ ଓ ସଂସ୍କୃତି ଦିଗରୁ ଦେଖିବାକୁ ଗଲେ ଭୁବନେଶ୍ୱରରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ରହିଛି। ଏବେ ଭୁବନେଶ୍ୱର ଏକ କ୍ରମ ବର୍ଦ୍ଧନଶୀଳ ସହରିକରଣର ସାମ୍ନା କରୁଛି। ତେଣୁ ଏହି ଅବସରରେ ପର୍ଯ୍ୟଟକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବାକୁ, ଆମର ପ୍ରାଚୀନ କୀର୍ତ୍ତିରାଜି ଓ ସମୃଦ୍ଧ ଐତିହ୍ୟ ସମ୍ପର୍କରେ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଅବଗତ କରିବାକୁ, ଭୁବନେଶ୍ୱରରେ ଏକ ଜାତୀୟ ସ୍ତରର ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ଶାଖାର ଆବଶ୍ୟକତା ବହୁଳ ଭାବରେ ଅନୁଭବ କରାଯାଉଛି ବୋଲି କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଭୁବନେଶ୍ୱର ସାଂସଦ ଦାବିରେ କହିଛନ୍ତି।

ଓଡ଼ିଶା ହେଉଛି ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଭୂମି : ହେମାମାଳିନୀ

ଭୁବନେଶ୍ୱର,୧୭।୩ (ମହାଭାରତ): ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ବୃନ୍ଦାବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମଥୁରାର ସାଂସଦ ଓ ବିଶିଷ୍ଟ ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ଶ୍ରୀମତୀ ହେମାମାଳିନୀ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ହେମାମାଳିନୀ, ବିଶିଷ୍ଟ ସଂଗୀତଜ୍ଞ ଶ୍ରୀ ହରିପ୍ରସାଦ ଚୌରସିଆ, ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ରତିକାନ୍ତ ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସର୍ବପ୍ରଥମେ ପୁଷ୍ପାଞ୍ଜଳି, ଗଣେଶ ଆରାଧନା,ଲକ୍ଷ୍ମୀ ସ୍ତୁତିରେ ନୃତ୍ୟ ଆରମ୍ଭ କରିଥିଲେ ନୃତ୍ୟଶିଳ୍ପୀ

ହେମାମାଳିନୀ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଜି ବଡ଼ଦାଣ୍ଡ ଭିଡ଼ ଭାରି, ଗୁଣ୍ଡିଚା ଯାତରା କରି ଭଜନରେ ହେମାମାଳିନୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏଥିସହ ଜୟଦେବଙ୍କ ଗୀତଗୋବିନ୍ଦ ଉପରେ ଆଧାରିତ ହେମାଙ୍କ ନୃତ୍ୟ ଆଜିର ସନ୍ଧ୍ୟାର ବିଶେଷ ଆକର୍ଷଣ ରହିଥିଲା। ହେମାମାଳିନୀଙ୍କ ସହିତ ନାଟ୍ୟବିହାର କଳାକେନ୍ଦ୍ରର ନୃତ୍ୟଶିଳ୍ପୀମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ। ବୃନ୍ଦାବନ ଗୁରୁକୁଳର ଶିଷ୍ୟମାନଙ୍କ ବଂଶୀ ଓ ତବଲା ବାଦନ ମଧ୍ୟ ବେଶ ହୃଦୟସ୍ପର୍ଶୀ ହୋଇପାରିଥିଲା। କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀ ହେମାମାଳିନୀ କହିଥିଲେ ଯେ, ଓଡ଼ିଶା ହେଉଛି ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଭୂମି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭୂମିକୁ ଆସି ନୃତ୍ୟ ପରିବେଷଣ କରି ମୁଁ ଅତ୍ୟନ୍ତ ଆନନ୍ଦିତ। ଓଡ଼ିଶାର ସଂଗୀତ, ନୃତ୍ୟ, ଖାଦ୍ୟ, ବସ୍ତ୍ର, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ ସବୁକିଛି ବେଶ ନିଆରା। ଏଥିସହ ଆଜିର କାର୍ଯ୍ୟକ୍ରମରେ ଦର୍ଶକମାନଙ୍କ ମଧ୍ୟରେ ରହିଥିବା ଉତ୍ସାହ ପରିଲକ୍ଷିତ କରି ସେ ବେଶ ଆନନ୍ଦିତ ବୋଲି ହେମାମାଳିନୀ ମତବ୍ୟକ୍ତ କରିଥିଲେ। ପୁରୀର ସାଂସଦ ସମ୍ବିତ ପାତ୍ର ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ହେମାମାଳିନୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ନୃତ୍ୟଶିଳ୍ପୀ ହେମାମାଳିନୀ ରଙ୍ଗର ପର୍ବ ହୋଲି ଉପଲକ୍ଷେ ଉପସ୍ଥିତ ଅତିଥି ଓ ଦର୍ଶକମାନଙ୍କ ସହ ରଙ୍ଗ ଖେଳିଥିଲେ ଓ ଓଡ଼ିଶାରେ ମିଳିଥିବା ଆତିଥ୍ୟ ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଦୋଳ ମହୋତ୍ସବ

ଭୁବନେଶ୍ୱର,୧୭।୩ (ମହାଭାରତ): ଗୋଟିଏ ପଟେ ବିଶ୍ୱନାଥ ମନ୍ଦିର ନିକଟରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ମା' ପାର୍ବତୀ, ମା' ଦୁର୍ଗା, ଶ୍ରୀବାସୁଦେବଙ୍କ ଦୋଳବେଦୀରେ ଝୁଲୁଥିବା ବେଳେ ସମ୍ମୁଖରେ ଦୋଳଗୋବିନ୍ଦ ଦୋଳବେଦୀରେ ବସି ପୂଜା ପାଇଥିଲେ। ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ଭଣ୍ଡାରଘରୁ ଅଣାଯାଇ ପାଲିଙ୍କି ଓ ବିମାନରେ ବିରାଜମାନ କରାଯାଇ ଶତାଧିକ ଭକ୍ତ ଠାକୁରଙ୍କୁ ଚାଚେରି

ଭୋଗ କରିବା ସହ ଫଗୁ ଲାଗି କରିଥିଲେ। ଶ୍ରୀଲିଙ୍ଗରାଜଙ୍କ ଭଉଣୀ ଘର ବଢ଼େଇବାଙ୍କ ନିକଟସ୍ଥ ବଡ଼ମଠରେ ଥିବା ମା' କାମାକ୍ଷା ଠାକୁରାଣୀଙ୍କ ପାଖକୁ ଯାତ୍ରା କରି ପୂଜା ସହ ଭେଟ ଆଳତୀ ହେବା ପରେ ଦେବାଦେବୀ ଦୋଳଭୋଗ ଖାଇଥିଲେ ଏବଂ ହର୍ବାଲ ଫଗୁ ଲାଗି କରାଯାଇଥିଲା। ପ୍ରତିବର୍ଷ ପରେ ଚଳିତ ବର୍ଷ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଦୋଳଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପ ଠାରେ ଦୋଳ ମହୋତ୍ସବ ୨୦୨୫ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏକାମ୍ର ସାଂସ୍କୃତିକ ପ୍ରକାଶନୀର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭଜନ କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ତଥା ସଂସ୍ଥାର ଉପସଭାପତି ବାବୁ ସିଂ, ବିଜେପି ରାଜ୍ୟ ଶାଖାର ପୂର୍ବତନ ସଭାପତି ତଥା ସଂସ୍ଥାର ଉପସଭାପତି ସମୀର ମହାନ୍ତି, ପିସିସି ଉପସଭାପତି ତଥା ବରିଷ୍ଠ ଉପଦେଷ୍ଟା ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର, ଅନୁଷ୍ଠାନର ସାଧାରଣ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଅନୁଷ୍ଠାନ ଯୁଗ୍ମ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ବାବନ ଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ଦାସ, ସୁଧୀର ରଞ୍ଜନ ଜେନା, କେଦାରନାଥ ମହାପାତ୍ର, ପ୍ରତାପ ପଟ୍ଟନାୟକ ଓ କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

'ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁର' ଓ 'ଇତିହାସର ଇତିକଥା' ଉନ୍ମ

ରାହୁଲଙ୍କ ଚେତାବନୀ

ଆବଶ୍ୟକ ପଡ଼ିଲେ ୩୦ରୁ ୪୦ ନେତାଙ୍କୁ ଦଳରୁ ବହିଷ୍କାର କରାଯିବ ବୋଲି ରାହୁଲ ଚେତାବନୀ ଦେଇଛନ୍ତି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ସେ ଏହା କହିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ସେ ଏଭଳି ଧମକ ବା ଚେତାବନୀ ଦେଇଛନ୍ତି। କଂଗ୍ରେସରେ ଯିଏ ଯେତେବେଳେ ଶୃଙ୍ଖଳା ରକ୍ଷା ବା ଅନୁଶାସନ କଥା କହିଲା, ଯିଏ ନେତୃତ୍ୱର ଦୁର୍ବଳତା ପ୍ରସଙ୍ଗ ଉଠାଇଲା, ତାଙ୍କୁ ରାହୁଲ ସଦାସର୍ବଦା ବିଜେପି ଏଜେଣ୍ଟ ବୋଲି କହିଥାଆନ୍ତି। ଏକଦା ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖି କଂଗ୍ରେସର ୧୪ଜଣ ବରିଷ୍ଠ ନେତା କଂଗ୍ରେସରେ ସ୍ଥାୟୀ ସଭାପତି ନିଯୁକ୍ତି ପାଇଁ ଦାବି କରିଥିଲେ। ଏଥିରେ କ'ଣ ଭୁଲ ଥିଲା ? କିନ୍ତୁ ରାହୁଲ ଏହି ନେତାମାନଙ୍କୁ ବିଜେପିର ଏଜେଣ୍ଟ ବୋଲି କହିଥିଲେ। ଅର୍ଥାତ କଂଗ୍ରେସରେ ରହି କେହି ଗାନ୍ଧି ପରିବାରକୁ ପ୍ରଶ୍ନ କରିପାରିବେନି, କେହି ଏହାର ନେତୃତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବନି। ଗାନ୍ଧି ପରିବାର ଯେତେବେଳେ ଯାହା ନିଷ୍ପତ୍ତି ନେବେ ତାହା ଚୂଡ଼ାନ୍ତ। ଏହାକୁ ଯିଏ ସ୍ୱୀକାର ନକଲା ସେ ବିଜେବପିର ଏଜେଣ୍ଟ। ବାସ୍ତବରେ ରାହୁଲଙ୍କୁ ବିଜେପି ଭୁତ ଲାଗିଛି। ନଚେତ ସେ ଏପରି କଥା କହୁନଥାନ୍ତେ। ବିଜେପି ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ଭୟକୁ ଏହା ପ୍ରମାଣିତ କରୁଛି। ରାହୁଲ ଗାନ୍ଧି ଏବେ ଲୋକସଭାରେ ବିରୋଧୀ ଦଳ ନେତା। କିନ୍ତୁ ଦଳର ରାଷ୍ଟ୍ରୀୟ ସଭାପତି ହେଉଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ। ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଯଦି କାହା ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ସେହି ନିଷ୍ପତ୍ତି ନେବାର ଦାୟିତ୍ୱ ଏବଂ କ୍ଷମତା କେବଳ ଖାର୍ଗେଙ୍କ ହାତରେ ରହିଛି। ରାହୁଲ ଚାହିଁଲେ ଦଳରୁ କାହାରିକୁ ବିଦା କରିପାରିବେ ନାହିଁ। ଦଳରୁ ୩୦/୪୦ ଜଣ ନେତାଙ୍କୁ ବହିଷ୍କାର କରାଯିବ ବୋଲି ରାହୁଲଙ୍କ ଚେତାବନୀ ପ୍ରମାଣିତ କରୁଛି ଯେ, ସେ ହେଉଛନ୍ତି କଂଗ୍ରେସ ଦଳର ନେତା ବା ମାଲିକ। ଖାର୍ଗେ କେବଳ ଗାନ୍ଧି ପରିବାରର ନିର୍ଦ୍ଦେଶପାଳନକାରୀ। ସେ ହେଉଛନ୍ତି ଜଣେ ସଖୀ କଣ୍ଢେଇ ସଭାପତି। ତାଙ୍କୁ ଆଗରେ ରଖି ରାହୁଲ, ସୋନିଆ, ପ୍ରିୟଙ୍କା କଂଗ୍ରେସ ଦଳକୁ ନିଜ ଅକ୍ତିଆରରେ ରଖିଛନ୍ତି। ଯାହା ବି ହେଉ ରାହୁଲ ଦଳ ଭିତରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ଯେଉଁ ଚେତାବନୀ ଦେଇଛନ୍ତି ତାହା ଉପରେ ତର୍ଜମା କଲେ ସ୍ପଷ୍ଟ ହେବ ଯେ, ଏହା ଛୋଟ ନେତା ନୁହଁନ୍ତି ଦଳର କିଛି ବରିଷ୍ଠ ନେତାଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ଏଭଳି ଜଣେ ନେତା ହେଲେ ସାଂସଦ ଶଶି ଥରୁର। ଖାର୍ଗେଙ୍କ ସହ ସେ କଂଗ୍ରେସ ସଭାପତି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ଗାନ୍ଧି ପରିବାର ଖାର୍ଗେଙ୍କୁ ସମର୍ଥନ କରୁଥିବାରୁ ଥରୁର ଜିତି ପାରିଲେ ନାହିଁ। ସବୁ ବେଳେ ସ୍ୱାଧୀନ ମତବ୍ୟକ୍ତ କରିବାର ନଜିର ସୃଷ୍ଟି କରିଥିବା ଶଶି ଥରୁର ନିକଟରେ କଂଗ୍ରେସ ନେତୃତ୍ୱ ପ୍ରତି ପ୍ରଶ୍ନ ଉଠାଇଥିଲେ। ଦଳରେ ତାଙ୍କର ଭୂମିକା କ'ଣ ବୋଲି ସେ ପ୍ରଶ୍ନ କରିଥିଲେ। ସମ୍ଭବତଃ ରାହୁଲ ଗାନ୍ଧି ଥରୁରଙ୍କୁ ଲକ୍ଷ୍ୟ ରଖି ଏଭଳି ଚେତାବନୀ ଦେଇଛନ୍ତି। ଗୁଜରାଟରେ କଂଗ୍ରେସର ସେଭଳି କେହି ନେତା ନାହାଁନ୍ତି ଯାହାକୁ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଦଳରୁ ବହିଷ୍କାର କରାଯାଇପାରିବ। ଗୁଜରାଟରେ ଦୀର୍ଘ ତିନ ଦଶନ୍ଧି ଧରି କଂଗ୍ରେସ କ୍ଷମତା ବାହାରେ ରହିଛି। ବିଜେପି ସେଠାରେ କ୍ଷମତାସୀନ ରହିଛି। କଂଗ୍ରେସର ସତ୍ତା ଗୁଜରାଟରେ ନାହିଁ। ତେଣୁ ଗୁଜରାଟରେ ଦଳ ବିରୋଧୀଙ୍କୁ ବହିଷ୍କାର କରାଯିବା ଧମକ ଅପ୍ରାସଙ୍ଗିକ ଲାଗୁଛି। ରାହୁଲଙ୍କ ଏହି ଚେତାବନୀ ଶଶି ଥରୁରଙ୍କ ପ୍ରତି ଉଦ୍ଦିଷ୍ଟ। ଥରୁର ଜଣେ ଯୋଗ୍ୟ ବ୍ୟକ୍ତି ଏବଂ କଂଗ୍ରେସ ଦଳର ନେତୃତ୍ୱ ନେବାକୁ ସେ ରାହୁଲଙ୍କ ତୁଳନାରେ ଅଧିକ ଯୋଗ୍ୟ।

ଆମ "ହାତୀ" କଥା

॥ ରମେଶ ଚନ୍ଦ୍ର ସ୍ୱାଇଁ ॥

ହାତୀ ଅତ୍ୟନ୍ତ ଖେଳପ୍ରିୟ ଓ ଅଧିକ କୌତୁହଳୀ। ସେ ତାର ବାହାର ଦୁନିଆକୁ ଚିହ୍ନିବାକୁ ଆଗ୍ରହୀ ରଖେ। ସେଥିପାଇଁ ଏ ଜଙ୍ଗଲ ସେ ଜଙ୍ଗଲ ଘୂରି ବୁଲୁଥାଏ। ଭାରତରେ ପ୍ରାୟ ୧୫୦୦୦ ବଣୁଆ ହାତୀ ଅଛନ୍ତି। ବନ୍ୟଜନ୍ତୁ ବିଶାରଦ ମାନେ କହନ୍ତି, ହାତୀ ଏକ ବିଶ୍ୱସ୍ତ ପ୍ରାଣୀ ହେଲେ ମଧ୍ୟ ହିଂସ୍ର ନୁହେଁ। ସେ ସ୍ୱାଭାବିକ ସ୍ଥିତିରେ କାହାକୁ ଆକ୍ରମଣ କରେନାହିଁ। ସେ ତା ଜାତିର ପଶୁମାନଙ୍କ ସହିତ ଖେଳ କସରତ କରିବାକୁ ଭଲ ପାଏ। ତାର ଜାତିପ୍ରୀତି ମଧ୍ୟ ଅଧିକ। ତେଣୁ ସେ ଦଳବାନ୍ଧି ରହିଥାଏ।

ହାତୀ ଭାରତ ଓ ଭାରତୀୟ ସଂସ୍କୃତି ସହିତ ବହୁ ପ୍ରାଚୀନ କାଳରୁ ଜଡ଼ିତ। ଏ ହାତୀ ପୃଥିବୀକୁ କେବେ କିପରି ଆସିଲେ ତାହା ଜଣା ପଡ଼ି ନଥିଲେ ମଧ୍ୟ, ଏକଥା ସତ ଯେ, ସିନ୍ଧୁ ସଭ୍ୟତା ସମୟରେ ଲୋକେ ହାତୀ ପୋଷିବା ଆରମ୍ଭ କରିଥିଲେ। ମାତ୍ର ଜାପାନର ଏକ ନଦୀ ଶଯ୍ୟାରୁ ହାତୀ ପାଦ ଚିହ୍ନର ସନ୍ଧାନ ମିଳିଥିଲା। ତେବେ ଅନୁମାନ କରାଯାଇଛି, ଏହି ଚିହ୍ନ ୨୦ ଲକ୍ଷ ବର୍ଷ ପୂର୍ବରୁ ଅଧିକ ହେବ। ଗବେଷକମାନେ ମଧ୍ୟ କହନ୍ତି ୨୦ ଲକ୍ଷ ବର୍ଷତଳେ ବୃହତକାୟ ହାତୀମାନେ ଥିଲେ। ବର୍ତ୍ତମାନର ହାତୀମାନେ ହେଉଛନ୍ତି ତାଙ୍କର ବଂଶଧର। ହାତୀ ଶାକାହାରୀ ଏକ ସୁନ୍ଦର ଓ ଶାନ୍ତିପ୍ରିୟ ବନ୍ୟ ପଶୁଟିଏ।

ରାମାୟଣ ଯୁଗରେ ରାଜାମାନେ ହାତୀ ରଖିବାକୁ ଭଲ ପାଉଥିଲେ। ବିଶ୍ୱାମିତ୍ର ବଶିଷ୍ଠଙ୍କୁ ୧୪ ହଜାର ହାତୀ ତାଙ୍କ କାମଧେନୁ ଗାଈ ବଦଳରେ ଦେବାକୁ ଆଗ୍ରହୀ ହୋଇଥିଲେ। ଅଯୋଧ୍ୟାରେ ଅନେକ ସୁନ୍ଦର ଶୁଣ୍ଢ ବିଶିଷ୍ଟ ହାତୀ ଥିଲେ। ରାମ ଓ ରାବଣ ମଧ୍ୟରେ ଯୁଦ୍ଧ ସମୟରେ ପ୍ରାୟ ୧ ହଜାରରୁ ଅଧିକ ହାତୀଙ୍କର ସାହାଯ୍ୟ ନିଆଯାଇଥିଲା। ମହାଭାରତ ମହାସମରରେ ୩୦ ହଜାରରୁ ଅଧିକ ହାତୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପାଣ୍ଡବ ଭୀମଙ୍କର ବଳ ୧୦ ହଜାର ହାତୀର ବଳ ସହ ସମାନ ଥିଲା ବୋଲି ମହାଭାରତରେ ଉଲ୍ଲେଖ ଅଛି। ରାବଣର ହାତୀ ଶାଳରେ ଉଚ୍ଚମାନର ହାତୀ ଥିଲେ। ସେମାନେ ଯୁଦ୍ଧପାଇଁ ତାଲିମ ମଧ୍ୟ ପାଇଥିଲେ। ଶିବ ତାଙ୍କର ଅଭୟାରଣ୍ୟରେ ଗୋଟିଏ ହାତୀ ଚମଡ଼ାର ସୁରକ୍ଷିତ ଖୋଳ ଭିତରେ ଶୟନ କରିଥାନ୍ତି ବୋଲି ଲେଖାଅଛି। ୧୦୦ ବର୍ଷ ତଳେ ନେପାଳର ରାଜା, ମୁଖିଆ ଓ ଜମିଦାରମାନେ ଶହ ଶହ ସଂଖ୍ୟାରେ ହାତୀ ପାଳୁଥିଲେ। ନେପାଳର ରାଜା ଜଙ୍ଗ୍ ବାହାଦୁର ତାଙ୍କ ହାତୀ ଶାଳରେ ୧୦୦୦ ହାତୀ ପାଳିଥିଲେ। ହାତୀ ସାଧାରଣତଃ ଥରକେ ଗୋଟିଏ ଛୁଆ ଜନ୍ମ ଦେଇଥାଏ। ଏ ଛୁଆ ସେତେବେଳେ ୮୩ ସେ.ମି. ଉଚ୍ଚ ଓ ୯୦ କି.ଗ୍ରା. ଓଜନ ହୋଇଥାଏ। ୧୯୬୧ ମସିହା ଅକ୍ଟୋବର ୨୬ ତାରିଖରେ ମିଆଁମାର ଠାରେ ଗୋଟିଏ ମାଈ ହାତୀ ଜାଆଁଳା ଛୁଆ ଜନ୍ମ ଦେଇଥିଲା। ୧୯୧୩ ମସିହା ଅକ୍ଟୋବର ୨୭ରେ ଥାଇଲାଣ୍ଡର ଗୋଟିଏ ମାଈ ହାତୀ ୩ଟି ଅଣ୍ଡିରା ଛୁଆର ଜନ୍ମ ଦେଇଥିଲା। ହାତୀମାନଙ୍କର ସର୍ବମୋଟ ୧୮ଟି ଆଙ୍ଗୁଳି ଥାଏ। ଯେଉଁ ହାତୀର ୧୮ଟି ରୁ ଅଧିକ କିମ୍ବା କମ୍ ଆଙ୍ଗୁଳି ଥାଏ ତେବେ ଏହାକୁ ଅଶୁଭ ବୋଲି ଧରାଯାଏ। ହାତୀର ଜିଭ କଳାଥିଲେ ବା ଏହା ଉପରେ କଳାଦାଗ ଥିଲେ ହାତିଟି ଅଶୁଭ ବୋଲି କୁହାଯାଏ।

ସ୍ଥଳ ଭାଗରେ ଥିବା ସବୁଠାରୁ ବଡ଼ଜୀବ ଏଇ ହାତୀ ଏସିଆ ଓ ଆଫ୍ରିକାରେ ଦେଖାଯାଆନ୍ତି। ଗୋଟିଏ ଗୋଟିଏ ଆଫ୍ରିକୀୟ ହାତୀର ଓଜନ ୭,୫୦୦ କେଜିରୁ ଅଧିକ। କାନ୍ଧ ପାଖରୁ ଭୂମିକୁ ଏହାର ଉଚ୍ଚତା ହେଉଛି ୩ ରୁ ୪ ମିଟର ବା ୧୦ ରୁ ୧୩ ଫୁଟ। ଭାରତରେ ହାତୀଙ୍କ ଓଜନ ପ୍ରାୟ ୫୦୦୦ କେଜି। ଗୋଟିଏ ଗୋଟିଏ ହାତୀଙ୍କ ପେଟ ପୁରିବା ପାଇଁ ୨୨୫ କେଜି ଓଜନର ଘାସ ବା ପତ୍ର ଦରକାର ହୋଇଥାଏ। ଇତିହାସ କହେ କଳିଙ୍ଗର ଲୋକମାନେ ଯେ ସାହସୀ ଥିଲେ ତାହା ନୁହେଁ କଳିଙ୍ଗର ହାତୀମାନେ ମଧ୍ୟ ସାହାସୀ ଥିଲେ। ହାତୀ ରପ୍ତାନୀରେ ଓଡ଼ିଶା ଅତୀତରେ ବହୁତ ନାମ କରିଥିଲା। ଓଡ଼ିଶାରୁ ଅନେକ ହାତୀ ଶ୍ରୀଲଙ୍କା ପଠାଯାଉଥିଲା। ପ୍ରାଚୀନ ଭାରତରେ ଲୋକମାନେ ବିଶ୍ୱାସ କରୁଥିଲେ ଯେ ହାତୀମାନେ ୩୦୦ ବର୍ଷ ବଞ୍ଚିଥାନ୍ତି। ଏବେ କିଛି ଲୋକ ବିଶ୍ୱାସ କରୁଛନ୍ତି ଯେ ହାତୀମାନେ ୧୫୦ ରୁ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ମୋଗଲମାନେ ବିଶ୍ୱାସ କରୁଥିଲେ ହାତୀମାନେ ୧୨୦ ବର୍ଷ ବଞ୍ଚିଥିଲାବେଳେ ଶ୍ରୀଲଙ୍କାର ଗୋଟିଏ ହାତୀ ୧୭୦ ବର୍ଷ ଓ ବିଂଶ ଶତାବ୍ଦୀର ଆରମ୍ଭରେ ଇଂଲଣ୍ଡର ଗୋଟିଏ ସର୍କସରେ ଗୋଟିଏ ମାଈ ହାତୀ ୧୫୨ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥିଲା। ତେବେ ସେ ଯାହା ହେଉନା କାହିଁକି ଏବେ ହାତୀମାନେ ହାରାହାରି ୮୦ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଛନ୍ତି।

ହାତୀ ଅତ୍ୟନ୍ତ ଖେଳପ୍ରିୟ ଓ ଅଧିକ କୌତୁହଳୀ। ସେ ତାର ବାହାର ଦୁନିଆକୁ ଚିହ୍ନିବାକୁ ଆଗ୍ରହୀ ରଖେ। ସେଥିପାଇଁ ଏ ଜଙ୍ଗଲ ସେ ଜଙ୍ଗଲ ଘୂରି ବୁଲୁଥାଏ। ଭାରତରେ ପ୍ରାୟ ୧୫୦୦୦ ବଣୁଆ ହାତୀ ଅଛନ୍ତି। ବନ୍ୟଜନ୍ତୁ ବିଶାରଦ ମାନେ କହନ୍ତି, ହାତୀ ଏକ ବିଶ୍ୱସ୍ତ ପ୍ରାଣୀ ହେଲେ ମଧ୍ୟ ହିଂସ୍ର ନୁହେଁ। ସେ ସ୍ୱାଭାବିକ ସ୍ଥିତିରେ କାହାକୁ ଆକ୍ରମଣ କରେନାହିଁ। ସେ ତା ଜାତିର ପଶୁମାନଙ୍କ ସହିତ ଖେଳ କସରତ କରିବାକୁ ଭଲ ପାଏ। ତାର ଜାତିପ୍ରୀତି ମଧ୍ୟ ଅଧିକ। ତେଣୁ ସେ ଦଳବାନ୍ଧି ରହିଥାଏ। ଗୋଟିଏ ହାତୀ ଦଳରେ ୧୦ ରୁ ୧୦୦ ଯାଏ ହାତୀ ଥାଆନ୍ତି। ଦଳରେ ମାଈ ହାତୀ ଅଧିକ ସଂଖ୍ୟାରେ ଥିବାବେଳେ ଅଣ୍ଡିରା ହାତୀ କମ୍ ଥାନ୍ତି।

ଉତ୍ତରପ୍ରଦେଶର ମୁର୍କସନ୍ ପାର୍କରେ ଗୋଟିଏ ହାତୀ ୫ ମିନିଟ୍‌ରେ ୨୦ କେଜି ଆଳୁ ଖାଇଥିଲା ତା'ପରେ ସେଠାରେ ଥିବା ଜଣେ ରେଞ୍ଜରଙ୍କ ଘର ଝରକା ଭିତରକୁ ଶୁଣ୍ଢ ପୁରାଇ ପ୍ରାୟ ୨୫ ଲିଟର ପୋତମ୍ବ ନାମକ ଏକ ମଦ ଏକା ନିଶ୍ୱାସରେ ପିଇଦେଇ ଗୋଟିଏ ଗଛକୁ ଆଉଜି ଦୁଇଦିନ ପର୍ଯ୍ୟନ୍ତ ଶୋଇ ରହିଥିଲା। କୌଣସି ହାତୀର ପାଟିରେ ଥରେ କଦଳୀ, ଆଳୁ, ମକା, ଆଖୁ, ଧାନ ଏପରି କିଛି ସୁଆଦିଆ ଖାଦ୍ୟ ଲାଗିଲେ ତାଙ୍କୁ ଆଉ ନିୟନ୍ତ୍ରଣ କରିହୁଏ ନାହିଁ। ତାପରଠାରୁ ସେ ଜୀବନ ଓ ସଂପତ୍ତି ପ୍ରତି ଏକ ବିପଦ ହୋଇପଡ଼େ। ଏହି ପଶୁଗୁଡ଼ିକୁ ଘଉଡ଼ାଇବା ପାଇଁ ସବୁପ୍ରକାର କୌଶଳ ପ୍ରୟୋଗ କରିବାକୁ ପଡ଼ିଥାଏ। କିନ୍ତୁ ଏହା ସହଜ ହୋଇ ନଥାଏ। କାରଣ ମନୁଷ୍ୟ ସହିତ ବାରମ୍ବାର ମୁକାବିଲା ହେତୁ ସେମାନେ ବେଶ୍ ସାହାସୀ ଓ ବିପଦଜନକ ଶତ୍ରୁ ବନିଯାଇଥାନ୍ତି। ବେଳେ ବେଳେ ନିରୀହ ଘାସ କଟାଳି, କାଠ କଟାଳି ଓ ବାଟୋଇମାନେ ଏମାନଙ୍କର ରାଗର ଶୀକାର ହୋଇଥାନ୍ତି।

ଏବେ ଓଡ଼ିଶାରେ ହାତୀମାନଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଗତ କିଛିବର୍ଷ ତଳେ ଓଡ଼ିଶାର ଜଙ୍ଗଲରେ ପ୍ରାୟ ୧୯୩୦ ହାତୀ ଥିବାବେଳେ ଏବେ ସେମାନଙ୍କ ସଂଖ୍ୟା ପ୍ରାୟ ୨୦୦୦ରେ ପହଁଞ୍ଚିଛି। ଗତ ୫ ବର୍ଷରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁ ଲୋକ ହାତୀ ଆକ୍ରମଣରେ ମରିଛନ୍ତି। ଏପରିକି ହାତୀମାନଙ୍କ ଦ୍ୱାରା ଶିକାର ହୋଇଥିବା ପରିବାରବର୍ଗକୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ କିଛି ଅର୍ଥ କ୍ଷତିପୂରଣ ଦେଇଥିବାବେଳେ ଅର୍ଥାଭାବରୁ ଆଉ କିଛି ଦେବାକୁ ବାକି ଅଛି। ବିଭିନ୍ନ କାରଣରୁ କେତେବେଳେ ଅକାଳରେ ହାତୀମାନେ ମରୁଛନ୍ତି। କେତେବେଳେ ବିଦ୍ୟୁତ ଆଘାତରେ ପୁଣି କେତେବେଳେ ଟ୍ରେନ୍ ଧକ୍କାରେ। ପ୍ରସବ ବେଦନା ସହି ନ ପାରି ଓ ଜଙ୍ଗଲରେ ଅସୁସ୍ଥତା ହେତୁ ହାତୀମାନେ ମରୁଥିବାର ଲକ୍ଷ୍ୟ କରାଯାଏ। ୨୦୧୨ରେ କେନ୍ଦୁଝର ଜିଲ୍ଲାରେ ୮ଟି ହାତୀ, ମୟୁରଭଞ୍ଜ ଜିଲ୍ଲାରେ ୧୨ଟି, ଢେଙ୍କାନାଳ ଜିଲ୍ଲାରେ ୯ଟି, ଅନୁଗୁଳରେ ୮ଟି, ସମ୍ବଲପୁରରେ ୨ଟି, ବରଗଡ଼ରେ ୧ଟି, ଦେବଗଡ଼ରେ ୨ଟି, ଝାରସୁଗୁଡ଼ାରେ ୧ଟି ଓ ଗଞ୍ଜାମରେ ୧୪ଟି ହାତୀ ମରିଥିବାର ଜଣାପଡ଼ିଛି। ମାତ୍ର ୨୦୧୪ରୁ ଅଦ୍ୟାବଧି ୪୦୬ ଲଢ଼େଇ ସଂଘଟିତ ହୋଇଥିବା ବେଳେ ମଣିଷ ମୃତ୍ୟୁସଂଖ୍ୟା ୨୯୯ ଓ ଆହତଙ୍କ ସଂଖ୍ୟା ୧୯୪ ହିସାବ କରାଯାଇଛି। (କ୍ରମଶଃ)

ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ମାଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ୍ୟ ଶିଶୁକୁ ଦିଆଯାଇପାରିବ।

ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ : ଲଘୁ କ୍ଷୁଦ୍ର

ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ।

ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗୁଟୋନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ:

ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଟେନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ।

ଗ୍ରୀଷ୍ମପ୍ରବାହ ବଢିବା ସାଙ୍ଗକୁ ବଢୁଛି ଜଳକଷ୍ଟ

ରାଇଗୁଡା ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେବି ଶୁଣୁନି ପ୍ରଶାସନ

କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇ ଗୁଡା ଗ୍ରାମରେ ଦେଖିବାକୁ ମିଳିଛି ପାଣି ର ସମସ୍ୟା ଲୋକେ ଯେପରି ପିଇବା ପାଣି ପାଇପାରିବେ ସେଥିପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିଥିବାବେଳେ ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇ ଗୁଡା ଗ୍ରାମର ଲୋକମାନେ ପ୍ରତିଦିନ ଏହି ଗାଁ ର ଲୋକେ ପାଣି ପାଇଁ ଅନେକ ଦୂରକୁ ୧ କିଲୋମିଟର୍ ଯିବାକୁ ପଡୁଥିବାରୁ ଆଗକୁ ଖରାଦିନ ଆସୁଛି ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବ । ଲୋକଙ୍କ ପାଣି ସମସ୍ୟା କୁ ଦୃଷ୍ଟିରେ ରଖି ଫିରିଙ୍ଗିଆ ବ୍ଲକ୍ ର ଲୁଇସିଂ ପଞ୍ଚାୟତି ଦୁର୍ଗମ ଅଞ୍ଚଳ ରାଇ ଗୁଡା ହେଇଥିବାରୁ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହାଁନ୍ତି ।ରାଜ୍ୟ ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ କୁ ? ଯାହା ଫଳରେ ଉକ୍ତ ରାଇଗୁଡ଼ା ଗ୍ରାମ ବାସିନ୍ଧା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏହି ଗ୍ରାମରେ ସର୍ବ ମୋଟ ୧୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି ।ଏସମ୍ପର୍କରେ ରାଇଗୁଡ଼ା ଗ୍ରାମ ର ଜନସାଧାରଣ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବାରୁ ,ରାଇଗୁଡ଼ା ଗ୍ରାମ ର,ପାଦେରିପଡ଼ା,ସରୁ ପଡ଼ା,ଉପର ସାହି,ଓ ତିଡ଼ିକନା ଏହି ସାହିର ଜନସାଧାରଣ ଙ୍କ ମନରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହି ଗ୍ରାମରେ ନୂତନ ନଳକୂପ ଖନନ କରିବା ପାଇଁ ରାଇଗୁଡ଼ା ଗ୍ରାମର ପାଦେରି ପଡ଼ା ସାହିର କରିଷ୍ଣୁଷ ଦିଗାଲ, ସାବିତ୍ରୀ ଦିଗାଲ,ପ୍ରମିଳା ଦିଗାଲ, ସରିତା ଦିଗାଲ,କୁରେଫୁଲ ଦିଗାଲ, ପଦ୍ମିନୀ ଦିଗାଲ, ସଂକ୍ରାନ୍ତି ଦିଗାଲ, ଲୁଇସିଂ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜେନା ଦିଗାଲ,ଓ ସମାଜ ସେବୀ ରାଜି ଦିଗାଲ ଦାବି କରିଛନ୍ତ ।

କଲେଜର ଉତ୍ତତି କରଣ କାମକୁ ନେଇ ଶାସକ ବିରୋଧୀ ମୁହାଁମୁହିଁ

ହାଟଡିହି ରେ ସୋମବାର ଏଭଳୀ ଦୃଶ୍ୟ ଦେଖିବାକୁ ମିଳିଛି କଲେଜ ଛକ ସମ୍ମୁଖ ରେ। ଶାସକ ଦଳ କର୍ମୀ ମାନଙ୍କ ସହ ବିରୋଧି ବିଜୁ ଜନତା ଦଳର କର୍ମୀ ମାନଙ୍କ ମଧ୍ୟରେ ମୁହାଁ ମୁହିଁ ପରିସ୍ଥିତି ଉପୁଜିଛି। ଆଞ୍ଚଳିକ ମହାବିଦ୍ୟାଳୟ ହାଟଡିହି କଲେଜ ର ମୁଖ୍ୟ ରାସ୍ତା, କଲେଜ ପଡିଆ ର ଉତ୍ତତି କରଣ ସମୟରେ ଉଭୟ ଦଳ ପକ୍ଷରୁ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଯାହାକୁ ନେଇ ନନ୍ଦିପଦା ଥାନା ଥାନା ଅଧିକାରୀ ଆଇପିଏସ ଅଫିସର ରାକେଶ କୁମାର ସାହୁ ଙ୍କ ସହ ଆଇଆଇସି ରବୀନ୍ଦ୍ର କୁମାର ପାତ୍ର ନିର୍ଦ୍ଦେଶ ରେ ଅନ୍ୟ ପୋଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ଦୁଇ ଗୋଷ୍ଠୀ ମଧ୍ୟରେ ଉକ୍ତ ସ୍ଥାନରେ ଦୀର୍ଘ ସମୟ ଧରି ଯୁବକ ମାନେ ଜଗି ରହିଥିଲେଯ ସେପଟେ ବର୍ତ୍ତମାନ କଲେଜ ରେ ଯୁକ୍ତ ଦୁଇ ପିଲା ମାନଙ୍କ ର ପରୀକ୍ଷା ଚାଲିଥିବାରୁ ପୋଲିସ ଘଟଣା କୁ ଗୁରୁ ନେଇ ଉକ୍ତ ସ୍ଥାନ ରେ ଜଗି ରହିଥିଲା। କିନ୍ତୁ ପୂର୍ବାହ୍ନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ମାଡ ପିଟ ହୋଇ ଥିବା ଖବର ମିଳିଛି , ଏଥିରେ ଜଣେ ଆହତ ହୋଇଥିବା ବେଳେ ଦୁଇ ଦଳ ଯୁବକ ମାନଙ୍କ ମଧ୍ୟରେ ଠେଲା ପେଲା ଲାଗିଥିଲେ। ପୋଲିସ ଏହି ଖବର ପାଇଁ ପୁନଃ ଘଟଣା ସ୍ଥଳରେ ପହଁ ସମସ୍ତ ଙ୍କୁ ଘଉ ଡେଇ ଥିଲା। ଖବର ଲେଖା ହେବା ଯାଏ ଥାନା ରେ ଅଭିଯୋଗ ହୋଇ ନଥିଲା।

ଯାଜପୁର ଜିଲ୍ଲାରେ ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ

ବଡ଼ଚଣା (ମହାଭାରତ)ସୂଚନା ଅଧିକାର ଆଇନ ୨୦୦୫ ଅଧିନିୟମ ୪(୧) (ଖ) ର ପୂର୍ଣ୍ଣାଙ୍ଗ କର୍ଯ୍ୟନ୍ୟନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ପୂର୍ବାହ୍ନରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଠାରେ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶ ଏବଂ ମାର୍ଗ ଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ସମ୍ବନ୍ଧରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ଏଥିସହ ବିଭିନ୍ନ ବିଭାଗ ଅଧିକ କ୍ରିୟାଶୀଳ ଏବଂ ସଚେତନ ହୋଇ ସୂଚନା ଅଧିକାର ସମ୍ପର୍କିତ ଆସୁଥିବା ସମସ୍ତ ଆବେଦନଗୁଡିକର ଉତ୍ତର ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଆହ୍ୱାନ ଦେଇଥିଲେ । ଏହି କର୍ମଶାଳାରେ ମୁଖ୍ୟ ଉତ୍ତୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନିରୁଦ୍ଧ ରାଉତରାୟ, ଉପ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଖୁଣ୍ଟିଆ, ଡେପୁଟି କଲେକ୍ଟର ଉପସ୍ଥିତ ରହି ସୂଚନା ଅଧିକାର ଆଇନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ବିଷୟ ବିଶାରଦ ଭାବେ ଲୁମିନସ୍ ଇନଫୋସିସର ମାଷ୍ଟର ଟ୍ରେନର ସୁନୀଲ କୁମାର ସେଠୀ ଯୋଗଦେଇ ସୂଚନା ଅଧିକାର ଆଇନର ଧାରା ୪(୧) (ଖ) ମୁତାବକ ୧୭ ସ୍ତରୀୟ ତଥ୍ୟ ଉଭୟ ଇଂରାଜୀ ଓ ଓଡ଼ିଆରେ ନିଜ ସୂଚନା ଅଧିକାର ପୋର୍ଟାଲରେ ଅଦ୍ୟତନ କରିବା ଉପରେ ୧୨୦ ରୁ ଉର୍ଦ୍ଧ୍ୱ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ର ସୂଚନା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ମଗାଯାଉଥିବା ତଥ୍ୟଗୁଡିକୁ ଠିକ୍ ସମୟରେ ପ୍ରଦାନ କରିବା ସହ ନିଜ ବିଭାଗର ତଥ୍ୟଗୁଡିକୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସାର୍ବଜନିନ କରିବା ନିମନ୍ତେ ସେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମନରେ ଏ ସମ୍ପର୍କିତ ଦ୍ୱନ୍ଦ୍ୱକୁ ସେ ଦୂର କରିଥିଲେ । ଜିଲ୍ଲାର ସମସ୍ତ ବ୍ଲକ, ତହସିଲ ତଥା ଅନ୍ୟାନ୍ୟ ବିଭାଗର ଜନ ସୂଚନା ଅଧିକାରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ସାଇକେଲ ରାଲି

ଜଙ୍ଗଲ ସୁରକ୍ଷିତ ପାଇଁ ସହଯୋଗ ଲୋଡ଼ିଲେ ଡିଏଫ୍ଓ

ଭଞ୍ଜନଗର,(ମହାଭାରତ): ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ପକ୍ଷରୁ ଗୁରୁବାର ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ କଣ୍ଟେଇପଲ୍ଲୀ ଛକରୁ ଏକ ସାଇକେଲ ରାଲି ବାହାରିଥିଲା। ଉକ୍ତ ରାଲିକୁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏଥିସହ ସେ ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ରାଲିରେ ସାମିଲ ହୋଇଥିଲେ। ଏହି ଅବସରରେ ଡିଏଫ୍ଓ କହିଥିଲେ ଜଙ୍ଗଲ ହେଉଛି ଆମ ସମସ୍ତଙ୍କର ସମ୍ପତ୍ତି। ଏହାର ସୁରକ୍ଷା କରିବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱୟ କଣ୍ଟେଇପଲ୍ଲୀ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ପ୍ରଚେଷ୍ଟା ଯୋଗୁ କଣ୍ଟେଇପଲ୍ଲୀ ଜଙ୍ଗଲ ଆଜି ସୁରକ୍ଷିତ ଅଛି। ଅନ୍ୟ ଜଙ୍ଗଲ ମଧ୍ୟ ଏହିଭଳି ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଡିଏଫ୍ଓ। ଜଙ୍ଗଲ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ପଥପ୍ରାନ୍ତ ନାଟକ, ରାଲି, ପ୍ରଚାରପତ୍ର ପ୍ରମୁଖ ମାଧ୍ୟମରେ ମଧ୍ୟ ଲୋକଙ୍କୁ ସଚେତନତା କରାଯାଉଛି ବୋଲି ଡିଏଫ୍ଓ ମହାନ୍ତି କହିଥିଲେ। ରାଲିରେ ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ବିବେକ ଦାସ, ରଶ୍ମୀରଞ୍ଜନ ସାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଞ୍ଜର ପୃଥିବୀ ରାଜ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରାଲି କ□ଇପଲ୍ଲୀ ଛକରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହାପରେ ଦୀର୍ଘ ୧୫ କିମି ରାଲି ବିଭିନ୍ନ ଗ୍ରାମ ବୁଲିବା ପରେ ଲାଲସିଂ ନର୍ସରୀରେ ତାହା ସରିଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କ□ଇପଲ୍ଲୀ ବନ ସୁରକ୍ଷା ସମିତି ସଭାପତି ଶରତ ସାଇଁ, ଜିତୁ ମଲ୍ଲିକ, ଜୀବନ ତ୍ରିପାଠୀ, ଦୀନବନ୍ଧୁ ମିଶ୍ର, ସନ୍ତୋଷ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

ପାରାଦୀପ ବନ୍ଦର ପ୍ରାଧିକରଣ ଓ ଏନଡିଆରଏଫ ମିଳିତ ସହଯୋଗରେ ମଲ୍ଟି-ଏଜେନ୍ସି ସମନ୍ୱୟ ମକ ଡ୍ରିଲ ଅନୁଷ୍ଠିତ

ପାରାଦୀପ (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ଓ ଏନଡିଆରଏଫ ତୃତୀୟ ବ୍ୟାଟେଲିଆନ ମିଳିତ ସହଯୋଗରେ ଏକ ମଲ୍ଟି-ଏଜେନ୍ସି ମକ ଡ୍ରିଲ ବା ଅଭ୍ୟାସ କୌଶଳ ମାର୍ଚ୍ଚ ୧୭ ତାରିଖ ସୋମବାର ଦିନ ପାରାଦୀପ ବନ୍ଦରର ମୁଖ୍ୟ ଅଗ୍ନିଶମ କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ଏହି ଅଭ୍ୟାସ କୌଶଳ ବାତ୍ୟା ଓ ଅନ୍ୟାନ୍ୟ ଦୈବୀ ଦୁର୍ବିପାକ ସମୟରେ ପାରାଦୀପ ବନ୍ଦରର ପ୍ରସ୍ତୁତି ଓ ସାମର୍ଥ ଉତ୍କର୍ଷତା ପ୍ରତିପାଦନ କରୁଛି । ଏହି ମକ ଡ୍ରିଲ ରେ ବିଲଡିଂ କୋଲାପ୍ସ, ରାସ୍ତା ଅବରୋଧ, ଦୁର୍ଘଟଣାଗ୍ରସ୍ତ ଙ୍କୁ ଉଦ୍ଧାର, ଜରୁରୀକାଳୀନ କ୍ଷତିଗ୍ରସ୍ତ ଙ୍କୁ ଉଦ୍ଧାର ଅଭ୍ୟାସ, ଦୌଡ଼ି ସାହାଯ୍ୟରେ ଉଦ୍ଧାର ଇତ୍ୟାଦି କୌଶଳ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦରର ହାର୍ବର ମାଷ୍ଟର, ବରିଷ୍ଠ ମେରାଇନ ଯନ୍ତ୍ରୀ, ଡକ ସେଫଟି ଅତିରିକ୍ତ ସହ ନିର୍ଦ୍ଦେଶକ ଙ୍କ ସମେତ ଆଇଓସିଏଲ ପାଇପଲାଇନ, ଆଇଓସିଏଲ ରିଫାଇନେରୀ, ଇଫକୋ, ପିପିଏଲ, ଜେଏସଡବ୍ଲୁ, ଆଇଓସିଏଲ ଟର୍ମିନାଲ, ବିପିସିଏଲ ଟର୍ମିନାଲ, ଏଚପିସିଏଲ ଟର୍ମିନାଲ, କେଆଇ ସିଟି, ପିଆଇସିଟି, ସିଆରଇଡବ୍ଲୁ ଓ ଅଦାନୀ ଉଇଲମାର କମ୍ପାନୀ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଏନଡିଆରଏଫ ଡେପୁଟି କମାଣ୍ଡା□ ପ୍ରବୀନ ଚୌହାନ ବ୍ୟବହାରକାରି ମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟ ଅଭ୍ୟାସ କୌଶଳ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆଇଏସଏଫ କମାଣ୍ଡା□ ଅକ୍ଷତ ପଟେଲ, ଡେପୁଟି କମାଣ୍ଡା□ ବି.ଭି. ଦୁର୍ଗା ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ମକ ଡ୍ରିଲ ର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ ।ଏହି କାର୍ଯ୍ୟକ୍ରମ କୁ ଅଗ୍ନିଶମ ବିଭାଗ ର କମ୍ପାନୀ କମାଣ୍ଡର ଅମରେଶ କୁମାର ସଫଳତାର ସହ ପରିଚାଳନା କରିଥିଲେ ।

ଚଉଳ ଦେବାକୁ ମନା କଲେ ଯୋଗାଣ ଅଧିକାରୀ

ହାଟଡିହ(ମହାଭାରତ): ହାଟଡିହି ବ୍ଲକ ରେ ଥିବା ମୋଟ ହିତାଧିକାରୀ ମାନଙ୍କ ମଧ୍ୟରୁ କେଓ୍ୱାସି ୧୩୩୮୦୩ ଜଣ ଲୋକ କରିଥିବା ବେଳେ ୧୮୭୨୭ ଜଣ କରିନଥିବା ସୂଚନା ମିଳିଛି। ବାକି ଥିବା ଲୋକେ କାହିଁକି କେଓ୍ୱାସୀ କରୁ ନାହାନ୍ତି ତାହାକୁ ନେଇ ବ୍ଲକ ପ୍ରଶାସନ ର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଛି। ରାଜ୍ୟ ସରକାର ସୂଚନା ଦେଇଛନ୍ତି କି କାହରି କୁ ଖାଦ୍ୟ ସୁରକ୍ଷା ଯୋଜନା ରୁ ମୁକ୍ତ କରାଯିବ ନାହିଁ । ସେମାନଙ୍କ ଘରକୁ ଯାଇ ତଦନ୍ତ କରିବା ପରେ ହିତାଧିକାରୀ ଙ୍କୁ ବାଦ୍ କରାଯିବ। ଏହା ଛଡା ହାଟଡିହି ବ୍ଲକ ରେ ବର୍ତମାନ ୧୩୨ପରିବାର ର ୫୧୪ଜଣ ରାସନ୍ କାର୍ଡ ଧାରୀ ରରହିଥିବା ବେଳେ ସେମାନଙ୍କ ଲୋକସଂଖ୍ୟା ୩୬୪୫ରହିଛି। ସମୁଦାୟ ଏହି ବ୍ଲକ ରେ ୧୫୨, ୫୩୦ଜଣ କାର୍ଡ ଧାରୀ ରହିଛନ୍ତି ।ସେମାନଙ୍କ ମଧ୍ୟରୁ୬୬୮ଜଣ ଆୟକର ଦାତା ଭାବେ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩୨ପରିବାର ର ୪୭୬ ଜଣ ସରକାରୀ ଚାକିରିଆ ଖାଦ୍ୟ ସୁରକ୍ଷା ଯୋଜନା ରେ ଚଉଳ କାର୍ଡ ଫେରସ୍ତ କରିଥିବା ସୂଚନା ରହିଛି । ଯେଉଁ ଟିକସ ଦାତା ମାନେ ଚିହ୍ନଟ ହୋଇଛନ୍ତି ୩୬୪୫ଜଣ ଲୋକଙ୍କୁ ବର୍ତ୍ତମାନ ଚଉଳ ନଦେବାକୁ ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି ଯାହାକୁ ନେଇ ସୋମବାର ଅନେକ ପଞ୍ଚାୟତ ରୁ ହିତାଧିକାରୀ ମାନେ ଆସି ବିଡ଼ିଓ ଙ୍କୁ କାରଣ ଦର୍ଶାଅ ବୋଲି ପଚାରିଥିଲେ। ଏହି ବିଷୟ ରେ ଯୋଗାଣ ଅଧିକାରୀ ଶ୍ରୀ ପଟ୍ଟନାୟକ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେଉଁ ମାନଙ୍କ ର ମାସିକ ଆୟ ଦଶ ହଜାର ରୁ ଉର୍ଦ୍ଧ୍ୱ ଥିବ ତାହା ସରକାର ନିୟମ ଅନୁଯାୟୀ କଟିଯିବ। ତେଣୁ ହିତାଧିକାରୀ ମାନେ ବ୍ୟାଙ୍କ ଲୋନ କରିବା କୁ ନେଇ ଏପରି ହଇରାଣ ରେ ଶିକାର ହେଉଛନ୍ତି। ପ୍ରକୃତ ଆୟକର ଦାତା ମାନେ ଉକ୍ତ କାର୍ଡକୁ ବ୍ଲକ ରେ ଫେରସ୍ତ କରିଦେବା ଠିକ୍ ହେବ। ପରେ ଯେଉଁ ମାନେ ରହିବେ ସମସ୍ତେ ସୁବିଧା ପାଇ ପାରିବେ।

ମୁର୍ଶିଗୁଡା ଗ୍ରାମରେ ନୂତନ ଭାଗବତ ଭଜନ ମଣ୍ଡପ ଲୋକାର୍ପଣ

କଳାହାଣ୍ଡି/ମହାଭାରତ: ଭବାନୀପାଟନା ବ୍ଲକ ଦୁଆରସନି ପଞ୍ଚାୟତ ର ମୁର୍ଶିଗୁଡା ଗ୍ରାମ ରେ ଗତ ୧୦.୩.୨୦୨୫ ରିଖ ଦିନ ନୂତନ ଭାଗବତ ଭଜନ ମଣ୍ଡପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଲୋକାର୍ପଣ ହେବା ସହିତ ୧୬ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି । ସ୍ୱର୍ଗତଃ ବିମଳା ଦେବୀ ଙ୍କ ସ୍ମୃତି ରେ ସ୍ୱାମୀ ଶ୍ରୀଯୁକ୍ତ ବ୍ରଜବନ୍ଧୁ ମହାକୁଡ ୨୦୦୮ ମସିହାରେ ଭୂମି ଦାନ କରି ଥିବା ସ୍ଥାନରେ ତାଙ୍କ ପୁତ୍ର ଦୁଆରଶନି ପ□ାୟତ ସମିତି ସଭ୍ୟ ଶ୍ରୀଯୁକ୍ତ ସଚିଦାନନ୍ଦ ମହାକୁଡ ଙ୍କ ଉଦଜଗ ଏବଂ ମୁର୍ଶି ଗୁଡା ଗ୍ରାମ ବାସୀ ଙ୍କ ର ସହଯୋଗ ରେ ମଣ୍ଡପ ଟି ସମ୍ପୂର୍ଣ୍ଣ ହୋଇପାରିଛି । ଏବଂ ମଣ୍ଡପ ନିର୍ମାଣ ପାଇଁ ଲାଞ୍ଜିଗଡ ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ ଦିଶାରୀ ସମ୍ପୂର୍ଣ୍ଣ ଅନୁଦାନ ମଞ୍ଜୁର କରିଛନ୍ତି ଓ ଦୁଆରଶନି ପଞ୍ଚାୟତ ର ନାଏବ ସରପଞ୍ଚ ନନ୍ଦିନୀ ରାଉତ ଏବଂ ସମାଜ ସେବୀ ଶ୍ରୀଯୁକ୍ତ ଅରୂପ କୁମାର ବିଶୋଇ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହୋଇପାରିଛି । ମଣ୍ଡପ ପ୍ରତିଷ୍ଠା ପରେ ମୁର୍ଶିଗୁଡା ନାମଯଜ୍ଞ କମିଟି ଜରିଆରେ ୧୬ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ନାମଯଜ୍ଞ ର ମୁଖ୍ୟ କର୍ତ୍ତା ଏବଂ କର୍ତ୍ତି ଭାବରେ ସମିତି ସଭ୍ୟ ତଥା ପୂର୍ବତନ ସଦର ବ୍ଲକ ଉପାଦକ୍ଷ ଶ୍ରୀଯୁକ୍ତ ସଚିଦାନନ୍ଦ ମହାକୁଡ ଓ ତାଙ୍କ ଧର୍ମ ପତ୍ନୀ ପୂର୍ବତନ ସଦର ବ୍ଲକ ଅଧକ୍ଷ୍ୟ ଶ୍ରୀମତୀ ସରିତା ମହାକୁଡ ସମ୍ପାଦନ କରିଥିଲେ । ଏହି ନାମଯଜ୍ଞ କାର୍ଯ୍ୟକ୍ରମ କୁ ଶ୍ରୀଯୁକ୍ତ ନୀଳାଞ୍ଚଳ ସାହୁ, ଶ୍ରୀଯୁକ୍ତ ପୁରୁଷୋତ୍ତମ ରାଉତ, ଶ୍ରୀଯୁକ୍ତ ସତ୍ୟ ସାହୁ, ଶ୍ରୀଯୁକ୍ତ ଆଦିତ୍ୟ ସାହୁ, ଶ୍ରୀଯୁକ୍ତ ସନ୍ତୋଷ ଗଉଡ, ଶ୍ରୀଯୁକ୍ତ ଲକ୍ଷପତି ଗଉଡ, ଶ୍ରୀଯୁକ୍ତ ଚମାର ମାଝୀ, ଶ୍ରୀଯୁକ୍ତ ହର ଗଉଡ, ଶ୍ରୀଯୁକ୍ତ ଧନବଳ ମାଝୀ, ଶ୍ରୀଯୁକ୍ତ ଚିତ୍ର ମାଝୀ, ଶ୍ରୀଯୁକ୍ତ ଘିଗୁଡା. ଗଉଡ, ଶ୍ରୀଯୁକ୍ତ ବିଜୟ ଆଚାର୍ଯ୍ୟ ଏବଂ ଗ୍ରାମ ର ବଳିଷ୍ଠ ସଂଗଠକ ମାନେ ମିଳିମିଶି ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମ ତା.୧୨.୩.୨୦୨୫ ରିଖ ରେ ସନ୍ଧ୍ୟା ୬ ଘଣ୍ଟା ସମୟରେ କଳଶ ଯାତ୍ରା ହୋଇ ଆଜି ୧୩.୩.୨୦୨୫ ରିଖ ସକାଳ ୭ ଘଣ୍ଟା ସମୟରେ ନାମ ଯାଜ୍ଞ ଆରମ୍ଭ ହୋଇସାରିଛ

ଦଣ୍ଡଯାତ୍ରା ପୂର୍ବରୁ ରକ୍ତ ନମୁନା ପରୀକ୍ଷା କଲେ ୫ଶହ ଦଣ୍ଡୁଆ

ବାଲିଗୁଡ଼ା(ମହାଭାରତ):ଏପ୍ରିଲ ୧ ରୁ ୧୩ ଦିନ ଧରି ଅନୁଷ୍ଠିତ ହେବ ମା କାଳୀଙ୍କ ଦଣ୍ଡଯାତ୍ରା ।ଏହି ଦଣ୍ଡଯାତ୍ରାରେ ପ୍ରବଳ ଜନସମାଗମ ହେବା ସହିତ ବିଭିନ୍ନ ଗ୍ରାମାଞ୍ଚଳ ରୁ ଦଣ୍ଡରେ ଦଣ୍ଡୁଆ ଭାବରେ ଅଂଶ ଗ୍ରହଣ କରିବେ ଶହ ଶହ ଦଣ୍ଡୁଆ ।ଏହାକୁ ଦୃଷ୍ଟିରେ ରଖି ବାଲିଗୁଡ଼ା ଦଣ୍ଡପଦର ଠାରେ ଦଣ୍ଡ ଯାତ୍ରା ପୂର୍ବରୁ ହେଲା ରକ୍ତ ନମୁନା ସଂଗ୍ରହ , ରବିବାର ଛୁଟି ଦିନରେ ଏହି ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ଦଣ୍ଡକମିଟି , ସଭାପତି ଅବନିକାନ୍ତ ନାୟକ ,ଏବଂ ସମ୍ପାଦକ ଚିତ ରଞ୍ଜନ ନାୟକ ଙ୍କ ନେତୃତ୍ୱରେ ୫ଶହ ଦଣ୍ଡଯାତ୍ରା ସଦସ୍ୟ ଙ୍କୁ ନମୁନା ସଂଗ୍ରହ କରାଯାଇଛି । ଏହି ନମୁନା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟର ଆଇସିଡିସି କାଉଁସିଲର ଗିତାଞ୍ଜଳି ପଣ୍ଡା ଙ୍କ ଉପସ୍ଥିତି ଏହିଭଳି ପଦକ୍ଷେପ ଗ୍ରହଣ କରାଯାଇଛି।ଯେଉଁ ବ୍ୟକ୍ତି ଙ୍କ ନମୁନା ପରିକ୍ଷା କରାଯାଇ ନାହିଁ ତାଙ୍କୁ ଦଣ୍ଡପଦର ପୂଜା କମିଟିରେ ସ୍ଥାନ ନାହିଁ ବୋଲି ସମ୍ପାଦକ କହିଥିବା ବେଳେ , ସଭାପତି କହିଛନ୍ତି ଦଣ୍ଡପଦର ଗ୍ରାମର ସବୁବେଳେ ଦୁଷ୍କାନ୍ତ ମୂଳକ କାର୍ଯ୍ୟକ୍ରମ କରିଥାଏ , ଚଳିତ ବର୍ଷ ଆମେ ବିଭିନ୍ନ ରୋଗ କୁ ଦୃଷ୍ଟି ରେ ରଖି ସମସ୍ତ ସଦସ୍ୟ ଙ୍କରକ୍ତ ନମୁନା ପରିକ୍ଷା କରାଯାଇଛି, ଯାହାକି ଆଗାମି ଦିନରେ ଦଣ୍ଡ ଯାତ୍ରା ସମୟରେ ଆମକୁ ସହଯୋଗ ହେବ ବିଶେଷ କରି ଏଏଠ ସଚେତନ କୁ ଦୃଷ୍ଟି ରେ ରଖି ପରିକ୍ଷା କରାଯାଇଥିବା ନେଇ ସୁଚନା ମିଳିଛି।

ନୂତନ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ

ଦାନଗଦୀ :(ମହାଭାରତ)ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ଗଣ୍ଡାସାହି ଠାରେ ଗତ ଶନିବାର ଅପରାହ୍ନ ର ଏକ ନୂତନ ସେତୁର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କରିଛନ୍ତି। ସୂଚନା ଥାଉକି ଏହି କୁସୁମଝରି ଠାରୁ ଗଣ୍ଡା ସାହି ରାସ୍ତାରେ ଲୋକଲ ନାଳ ଉପରେ ଗ୍ରାମ୍ୟ ଉତ୍ତୟନ ବିଭାଗ ଙ୍କ ଦ୍ୱାରା ସେତୁ ବନ୍ଧ ଯୋଜନା ର ଏକ ଦୀର୍ଘ ସ୍ଥାୟୀ ସେତୁ ହେବାକୁ ଯାଉଛି, ଶାଳୀଜଙ୍ଗା ଓ ଚିତ୍ରୀ ପଞ୍ଚାୟାତ ର ହଜାର ହଜାର ଜନସାଧାରଣ ବର୍ଷା ଦିନେ ଯାତାୟାତ ପାଇଁ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେ ସମସ୍ୟା ଏହି ସେତୁ ନିର୍ମାଣ ହେଲେ ଦୂର ହେବ, ତିନି କୋଟିଟଙ୍କାର ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳର ନିର୍ମାଣ ହେବାକୁ ଥିବା ସେତୁଟି ଶୁଭ କାର୍ଯ୍ୟ ଖବର ର ଅ□ଳ ବାସୀ ଖୁସି ଥିବା ଜଣା ପଡିଛି।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ଡ଼ମ୍ବାଳ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ଶ୍ରୀ ଶଙ୍କର କେରକେଟା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଡ଼ମ୍ବାଳ ଗ୍ରାମ ପଞ୍ଚାୟତ ସମେତ ଆମେଡ଼ା, ଲୋବା ଓ ତଳମୁଣ୍ଡା ପଞ୍ଚାୟତର ସମୁଦାୟ ମୋଟ- ୧୩୭ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୫୫ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୮୨ ଓ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ରାୟଗଡ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ପୂର୍ଣ୍ଣବାସି ନାୟକ, ଉପ- ଅଧକ୍ଷ ଶ୍ରୀ ଜ୍ୟୋତି ପ୍ରସାଦ ପାଣି,ଶ୍ରୀ ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି, ଶ୍ରୀ ଅଂଶୁମାନ ମହାପାତ୍ର, ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି,ସ୍ଥାନୀୟ ଗୋଷ୍ଠୀ ଉତ୍ତୟନ ଅଧିକାରୀ ଶ୍ରୀ ସୁକାନ୍ତ ପ୍ରଧାନ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିତ୍ତକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ।

ବସଷ୍ଟାଣ୍ଡ ନଷ୍ଟ କରୁଛନ୍ତି ଅସାମାଜିକ ବ୍ୟକ୍ତି

ରକ୍ଷଣାବେକ୍ଷଣା ଦିଗରେ ଦୃଷ୍ଟି ଦେବାକୁ ଦାବି

କୋକସରା,(ମହାଭାରତ): ଗ୍ରାମାଞ୍ଚଳରୁ ବ୍ଲକ ସଦର ମହକୁମାକୁ ଯୋଗାଯୋଗ କ୍ଷେତ୍ରରେ ସୁଗମ କରିବା ପାଇଁ ପୂର୍ବ ରାଜ୍ୟ ସରକାର ସମୟରେ ଲୋକଙ୍କ ସୁବିଧା ନିମନ୍ତେ ସୁଲଭ ବସ୍ ସେବା ଆରମ୍ଭ ହୋଇଥିଲା। ଏବଂ ପ୍ରତି ଗ୍ରାମ ପଞ୍ଚାୟତରେ ଲକ୍ଷାଧିକ ଟଙ୍କାରେ ସରକାରୀ ବସଷ୍ଟାଣ୍ଡ ଗୁଡ଼ିକ ନିର୍ମାଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ଯାତ୍ରୀମାନେ ବସ ଅପେକ୍ଷା କରିବା ସହ ବିଶ୍ରାମ ନେବା। ହେଲେ କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ ଗୁଠିକ କୁ କିଛି ଅସାମାଜିକ ଲୋକେ ଭଙ୍ଗାରୁଜା କରି ନଷ୍ଟ କରିଥିବା ଦେଖିବାକୁ ମିଳୁଛି। ଟେମରା ପଞ୍ଚାୟତର ହଂସପଡା, ମହିମା ରାସ୍ତାର ପୁରୁଣା ମଦଭାଟି ଛକ ନିକଟରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡର ମାର୍ବଲ ଉପାଡ଼ି ଭାଙ୍ଗିଥିବା ବେଳେ ସୁରକ୍ଷା ପାଇଁ ଲଗାଯାଇଥିବା ଷ୍ଟିଲ ବେରିକେଡ ଗୁଡ଼ିକକୁ ମଧ୍ୟ ଭାଙ୍ଗି ଦେଇଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେବ ଏହି ବସଷ୍ଟାଣ୍ଡ ଠିକ୍ ଠାକ୍ ରହିଥିବାବେଳେ କିଛି ଅସାମାଜିକ ଲୋକେ ମାର୍ବଲ ଓ ଷ୍ଟିଲ ବେରିକେଡକୁ ଉପାଡ଼ି ନେଇ ଯିବାକୁ ଚେଷ୍ଟା କରିଛନ୍ତି। ଏଣୁ ଏହା ଭାଙ୍ଗିଯାଇ ନଷ୍ଟହୋଇଥିବା ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକଙ୍କ ସମେତ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଗମ୍ଭାରୀଗୁଡା ପଞ୍ଚାୟତର ଅଁଳାଗୁଡା ଛକରେ ଥିବା ବସଷ୍ଟାଣ୍ଡ ମଧ୍ୟ ଅସାମାଜିକ ଲୋକଙ୍କ ପାଇଁ ଭାଙ୍ଗିରୁଜି ଦୟନୀୟ ଅବସ୍ଥାରେ ପଡ଼ି ରହିଥିବାବେଳେ ବ୍ଲକର ଏକାଧିକ ପଞ୍ଚାୟତରେ ଥିବା ବସଷ୍ଟାଣ୍ଡ ଗୁଡ଼ିକ ମଧ୍ୟ ସମାନ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବା ସହ ଏହାର ଯତ୍ନ ନେବାକୁ ଜନ ସାଧାରଣରେ ଦାବି ହୋଇଛି।

ସରାଙ୍ଗ ନବୋଦୟରେ ପିଏମ୍ ଶ୍ରୀ କର୍ମଶାଳା

ପରଜଙ୍ଗ (ମହାଭାରତ) ପର୍ଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଙ୍ଗ୍ ଇଣ୍ଡିଆ (ପିଏମ୍ ଶ୍ରୀ) ଶୀର୍ଷକ କର୍ମଶାଳା ତଥା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଡକ୍ଟର ପ୍ରତିମା ମିଶ୍ର ପାରମ୍ପରିକ ଚନ୍ଦନ ଟିକା ସହିତ ବନ୍ଦାପନା କରେଇ ସମଗ୍ର ଢ଼େଙ୍କାନାଳ ଜିଲ୍ଲାର ଆଠଟି ବ୍ଲକରୁ ଆସିଥିବା ବିଡିଓ , ଏବିଡିଓ ତହସିଲଦାର , ବିଇଓ , ପ୍ରଧନ ଶିକ୍ଷକ ଶିକ୍ଷୟିତ୍ରୀ ସମଗ୍ର ବିକାଶ ଅଧିକାରୀ ସମେତ ୭୨ ଅତିଥି ବର୍ଗଙ୍କୁ କଂପ୍ୟୁଟର ଭବନରେ ଅଭ୍ୟର୍ଥନା କରେଇ ଥିଲେ । ସ୍ୱାଗତ ଅଭିଭାଷଣରେ ଶ୍ରୀମତୀ ମିଶ୍ର ପି ଏମ୍ ଶ୍ରୀ ଯୋଜନା ବିଷୟରେ କେନ୍ଦ୍ର ସରକାରଙ୍କ ତରଫରୁ ୨୦୨୨-୨୦୨୭ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ଚାଲୁଥିବା ୪୮ ଟି ବିଭାଗ ବିଷୟରେ ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରି ଗଢି ତୋଳିବାରେ ଅର୍ଥ ବିନିମୟ ବିଷୟରେ ଦର୍ଶନୀୟ ସ୍ଥାନ ବୁଲିବାରେ , ବସ୍ତାନି ବିହୀନ ଶ୍ରେଣୀ , ବାଳ ସଂସଦ , ସ୍ୱାସ୍ଥ୍ୟମେଳା , ଅଗ୍ନୀ ନିରୋଧ , ପୁସ୍ତକାଗାର ସଂପ୍ରସାରଣ , ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଅଲଗା ସୁବିଧା ଇତ୍ୟାଦି ବହୁବିଧ ପଦକ୍ଷେପ ବିଷୟରେ ଚୁମ୍ବକୀୟ ଢଙ୍ଗରେ ନିଜ ତରଫରୁ ମତ ରଖିଥିଲେ । ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ଷଡ଼ଙ୍ଗୀ , ବିଡିଓ , ଓଡ଼ାପଡ଼ା ମୁଖ୍ୟ ଅତିଥି ଭାବେ ଆସନ ଅଳଂକୃତ କରିଥିବା ବେଳେ ଇଂରାଜୀ ଶିକ୍ଷୟତ୍ରୀ ଇ ଏଫ୍ ଟେଟେ , ବାଣିଜ୍ୟ ଶିକ୍ଷକ ସମୀର କୁମାର ସିଂହ ନିଜର ବକ୍ତବ୍ୟ ରଖିଥିବା ବେଳେ ଇତିହାସ ଶିକ୍ଷକ ପଞ୍ଚାନନ ଜେନା ମଞ୍ଚ□ ସଞ୍ଚାଳନ କରିଥିଲେ । ଶେଷରେ ସରୋଜ କୁମାର ସାହୁ , ଦିଇଓ କାମାକ୍ଷାନଗର ତଥା ସରାଙ୍ଗ ନବୋଦୟର ପୁରାତନ ଛାତ୍ର ଧନ୍ୟବାଦ ଅର୍ପଣ କରିବା ଅବସରରେ ଢ଼େଙ୍କାନାଳ ଜିଲ୍ଲାରୁ ଚୟନିତ ୧୩ ଉଚ୍ଚ ବିଦ୍ୟାଳୟକୁ ସାଧୁବାଦ ଜ୍ଞାପନ କରିଥିଲେ।

୫ବର୍ଷ ଶିଶୁ କନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ସନ୍ଦେହ

ଅନୁଗୁଳ,(ମହାଭାରତ):ଅନୁଗୁଳ ଜିଲ୍ଲା ନିଶା ଶିଙ୍ଗାଞ୍ଚଳ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି।ଜଣେ ୫ବର୍ଷ ଶିଶୁ କନ୍ୟାଙ୍କ ମୃତଦେହ ପୁଲିସ ଶନିବାର ଉଦ୍ଧାର କରିଥିବା ବେଳେ ଶିଶୁ କନ୍ୟାଙ୍କୁ କେହି ଦୁଷ୍କୃର୍ତ୍ତ□ ବଳାତ୍କାର ପରେ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଏହି ଶିଶୁ କନ୍ୟାଟି ହଜି ଯାଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୁଲିସ ଏକ ମାମଲା(ନଂ.୭୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ହେଲେ ଶନିବାର ଘରଠାରୁ ୧୦୦ମିଟର ଦୂର ଏକ ମହୁଲ ଗଛ ମୂଳରୁ ଶିଶୁର ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ପୁଲିସ ପହ□ ମୃତଦେହ ଜବତ କରି ଛାନଭିନ୍ ଚଳାଇଛି ।ସୂଚନା ଅନୁସାରେ ,ଗୁରୁବାର ମଧ୍ୟାହ୍ନରେ କଙ୍କରେଇ ପିଢଖମଣ ଗାଁର ୫ବର୍ଷର ଶିଶୁ କନ୍ୟା କେଉଁଆଡେ ନିଖୋଜ ହୋଇଯାଇଥିଲେ । ଏନେଇ ପରିବା ଲୋକ ବହୁ ଖୋଜାଖୋଜି ପରେ ଝିଅର କୌଣସି ସନ୍ଧାନ ନ ମିଳିବାରୁ ଶୁକ୍ରବାର ନିଶା ଶିଙ୍ଗାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଶନିବାର ଘର ଠାରୁ ମାତ୍ର ୧୦୦ମିଟର ଦୂରରେ ଥିବା ମହୁଲ ଗଛ ମୂଳରେ ଶିଶୁକନ୍ୟାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ତେବେ ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରି ସଠିକ୍ ତଦନ୍ତ ଦାବି କରିଛନ୍ତି ।ଖବର ପାଇ ପୁଲିସ ଶିଶୁକନ୍ୟାଙ୍କ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି ।

ଗୁରାଣ୍ଡୀରେ ଜନ ନାୟକ ନାରାୟଣ ପାତ୍ରଙ୍କ ୧୧୨ତମ ଜନ୍ମ ବାର୍ଷିକୀ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ଗୁରାଣ୍ଡି ଗ୍ରାମରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ସଭା ଗୃହରେ ପ୍ରଥମ ସାଂସଦ ଏବଂ ଅବିଭାଜିତ ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ରାଜ୍ୟସଭା ସାଂସଦ ନାରାୟଣ ପାତ୍ରଙ୍କ ୧୧୨ତମ ଜନ୍ମ ବାର୍ଷିକୀ ପାଳନ କରାଯାଇଛି। ଏହି ଉତ୍ସବ ଜଷ୍ଟିସ୍ କର୍ଣ୍ଣର ଏବଂ ଲୋକନାୟକ ନାରାୟଣ ପାତ୍ର ସ୍ମୃତି ପରିଷଦ୍‌ର ସହଯୋଗରେ ଆୟୋଜିତ ହୋଇଥିଲା। ଗଜପତି ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମର ସଭାପତି କିଶୋର ଚନ୍ଦ୍ର ପାତ୍ର, ଆବାହକ ସଞ୍ଜୟ କୁମାର ରାଉତ ଆୟୋଜନ କରିଥିଲେ। ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡଃ ବାୟୁମନୁ ଚର୍ଚ୍ଚି ସଭାପତିତ୍ୱ କରିଥିଲେ।ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭାଗ୍ୟଲକ୍ଷ୍ମୀ ନାୟକ, ପ୍ରଦୀପ କୁମାର ଜେନା,ଗୁରାଣ୍ଡି ସରପଞ୍ଚ ଶିଙ୍ଗା ପାତ୍ର ଏବଂ ସମିତିସଭ୍ୟା ପାଇଲୁ ମିନାକ୍ଷୀ ମଞ୍ଚାସିନ ଥିଲେ।ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ ଓ ନାରାୟଣ ପାତ୍ରଙ୍କ ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ମଞ୍ଚାସିନ ଅତିଥି ମାନେ ଜନ ନାୟକ ନାରାୟଣ ପାତ୍ରଙ୍କ ଜୀବନୀ ଉପରେ ନିଜର ମତପ୍ରକାଶ କରିଥିଲେ। ତାଙ୍କର ଉତ୍ସର୍ଗୀକୃତ ସ୍ୱାଧୀନତା ସଂଗ୍ରାମ ଯିଏ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ସେ ବ୍ରିଟିଶ ସରକାରଙ୍କ ବିରୋଧରେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ତାଙ୍କର ଅଦମ୍ୟ ସାହସ ଏବଂ ପ୍ରତିବଦ୍ଧତା ପାଇଁ ତାଙ୍କୁ ଗଜପତିର ଦ୍ୱିତୀୟ ମହାତ୍ମା ଗାନ୍ଧୀ ବୋଲି କୁହାଯାଉଥିଲା।ଏହି କାର୍ଯ୍ୟକ୍ରମରେ ନାରାୟଣ ପାତ୍ରଙ୍କ ପରିବାର ସଦସ୍ୟ ଅନୁରାଧା ପାତ୍ର, ଶ୍ରୀକାନ୍ତ ପାତ୍ର ଏବଂ ବୁଦ୍ଧଦେବ ପାତ୍ରଙ୍କ ସମେତ କାମେଶ୍ୱର ମହାନ୍ତି, ଭିକାରୀ ଚରଣ ନାୟକ ଓ ରାମକୃଷ୍ଣ ଲେଙ୍କା ପ୍ରମୁଖଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଏହି କାର୍ଯ୍ୟକ୍ରମରେ ଗୋଷ୍ଠାଣୀ ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ଥିଲେ।ଡଃ ବାୟୁମନୁ ଚର୍ଚ୍ଚି ତିନୋଟି ପ୍ରସ୍ତାବ ରଖିଥିଲେ। ପ୍ରଥମତଃ, ଗୁରାଣ୍ଡୀ ଗ୍ରାମକୁ ସ୍ୱାଧୀନତା ସଂଗ୍ରାମୀ ଗ୍ରାମ ଘୋଷଣା କରାଯାଉ, କାରଣ ଏହି ଗ୍ରାମରୁ ୧୭ ଜଣ ସ୍ୱାଧୀନତା ସଂଗ୍ରାମୀ ଆସିଥିଲେ ; ଦ୍ୱିତୀୟତଃ, ଗ୍ରାମରେ ଏକ ସ୍ମୃତି ସ୍ମାରକ ସ୍ଥାପନ ହେଉ ଏବଂ ତୃତୀୟତଃ, ପାରଳାଖେମୁଣ୍ଡି ସହରରେ ନାରାୟଣ ପାତ୍ରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ।ନାରାୟଣ ପାତ୍ରଙ୍କ ସାହସ, ତ୍ୟାଗ ଏବଂ ଦେଶ ପ୍ରେମକୁ ସ୍ମରଣ କରିବା ପାଇଁ ଏକ ଶ୍ରଦ୍ଧାଞ୍ଜଳି ଭାବେ ପାଳିତ ହୋଇଥିଲାୟ କାରଣ ତାଙ୍କ ଜୀବନୀ ପ୍ରତ୍ୟେକ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ରୂପେ ରହିଛି। ନାରାୟଣ ପାତ୍ର ଜଣେ ପ୍ରେରଣାଦାୟକ ନେତା ଥିଲେୟଯାହାଙ୍କ ଜୀବନ ଆଜିର ପିଢ଼ିକୁ ଦେଶପ୍ରେମ ଏବଂ ସାମାଜିକ ଦାୟିତ୍ୱ ପ୍ରତି ପ୍ରେରିତ କରେୟ ତାଙ୍କ ଜନ୍ମସ୍ଥାନ ଗୁରାଣ୍ଡୀ ଗ୍ରାମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ପ୍ରଥମଥର ପାଇଁ ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ଏକ ମହ□ପୂର୍ଣ୍ଣ ପଦକ୍ଷେପ ଥିଲା।

ଜାତୀୟ ଖେଳାଳି ଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା

ଅନୁଗୁଳ,(ମହାଭାରତ):ଚଳିତ ମାସ ୨୫ତମ ସିନିୟର୍ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ରାଜସ୍ଥାନର ଜୟପୁର ଜିଲ୍ଲା ସ୍ଥିତ ଇଞ୍ଜିନିୟର କଲେଜ ଠାରେ ତା ୧୮/୦୩/୨୫ ରିଖ ଠାରୁ ତା ୨୦/୦୩/୨୫ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ରୁ ବାଳକ ବିଭାଗର ୧୫ ଜଣ ଓ ବାଳିକା ବିଭାଗରେ ୧୫ ଜଣ ଉଭୟ ମୋଟ୍ ୩୦ଜଣ ଖେଳାଳି ଅଂଶ ଗ୍ରହଣ କରିବେ। ଉକ୍ତ ଖେଳାଳି ମାନଙ୍କ ମଧ୍ୟରୁ ବାଳିକା ବିଭାଗର ଗୁଲ୍ଲାରୀ ଶ୍ୟାମାରାଗ୍ରୀ ଅନୁଗୁଳ ଜିଲ୍ଲା ରୁ ଅଂଶ ଗ୍ରହଣ କରିବେ। ଉକ୍ତ ଖେଳାଳି ଙ୍କୁ ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଛନ୍ତି ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଁଛନ୍ତି। ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ କାଭ୍ୟା ଦାସ ରୌପ୍ୟ ପଦକ ହାସଲ କରିଥିବାରୁ ବିଧାୟକ ତାଙ୍କୁ ମଧ୍ୟ ଆର୍ଥିକ ସହୟତା ରାଶି ପ୍ରଦାନ କରିଛନ୍ତି। ଉକ୍ତ ଖେଳାଳି ଙ୍କୁ ରାଜ୍ୟ ଉପ ସଭାପତି ଦୁଷ୍ୟନ୍ତ କୁମାର ନାଥ ଶିକ୍ଷା ପ୍ରଦାନ କରୁଛନ୍ତି। ଉକ୍ତ ଖେଳ

ଭାରତ-ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଭାରତକୁ ୫ ଦିନିଆ ଗସ୍ତରେ ଆସିଛନ୍ତି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ । ପୂର୍ବରୁ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏବେ ଉଭୟ ଦେଶ ମଧ୍ୟରେ ଏକ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି କହିଲେ ଆମେ ଏକାଠି କାମ କରିବୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ଆଲୋଚନା ପରେ ଏକ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ଗଣମାଧ୍ୟମ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଆଜି ଆମର ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆମେ ବିସ୍ତୃତ ଆଲୋଚନା କରିଛୁ । ଆମେ ଆମର ପ୍ରତିରକ୍ଷା ଏବଂ ସୁରକ୍ଷା ସହଭାଗୀତାକୁ ମଜବୁତ ଏବଂ ପ୍ରତିଷ୍ଠାନଗତ କରିବାକୁ ନିଷ୍ପତ୍ତି

ନେଇଛୁ । ମିଳିତ ଅଭ୍ୟାସ, ତାଲିମ ଏବଂ ପ୍ରତିରକ୍ଷା ଶିଳ୍ପରେ ପାରସ୍ପରିକ ସହଯୋଗ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦୁଇ ଦେଶ ମଧ୍ୟରେ ଏକ ପାରସ୍ପରିକ ଲାଭଦାୟକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ପାରସ୍ପରିକ ବାଣିଜ୍ୟ ଏବଂ ନିବେଶର ସମ୍ଭାବନାକୁ ଆହୁରି ବୃଦ୍ଧି କରିବ । ଦୁଗ୍ଧ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଔଷଧ ଭଳି କ୍ଷେତ୍ରରେ ପାରସ୍ପରିକ ସହଯୋଗ ଏବଂ ନିବେଶକୁ ପ୍ରୋତ୍ସାହିତ କରାଯିବ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ଅବୈଧ ପ୍ରବାସ ସମସ୍ୟାର ମୁକାବିଲା ପାଇଁ ଏକ ଚୁକ୍ତିନାମା ପ୍ରସ୍ତୁତ କରିବା ଦିଗରେ କାର୍ଯ୍ୟ କରିବେ । ଆତଙ୍କବାଦ ଉପରେ ଆମର ସମାନ ମତ ରହିଛି । ମୋଦି ଆହୁରି କହିଛନ୍ତି, ୧୫ ମାର୍ଚ୍ଚ ୨୦୧୯ରେ କ୍ରାଏଷ୍ଟଚର୍ଚ୍ଚରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ହେଉ କିମ୍ବା ମୁମ୍ବାଇ ୨୬/୧୧, ଆତଙ୍କବାଦ ପ୍ରତ୍ୟେକ ପ୍ରକାରରେ ଗ୍ରହଣୀୟ ନୁହେଁ । ଆତଙ୍କବାଦୀ ଆକ୍ରମଣ ପାଇଁ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । ଆମେ ଆତଙ୍କବାଦୀ, ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରବାଦୀ ତତ୍ତ୍ୱମାନଙ୍କ ବିରୁଦ୍ଧରେ ଏକାଠି କାମ କରିବୁ । ଆମେ ନ୍ୟୁଜିଲ୍ୟାଣ୍ଡରେ ଭାରତ ବିରୋଧୀ କାର୍ଯ୍ୟକଳାପ ବିଷୟରେ ଆମର ଚିନ୍ତା ବାଣ୍ଟିଛୁ । ଆମେ ନିଶ୍ଚିତ ଯେ, ଏହି ବେଆଇନ କାର୍ଯ୍ୟକଳାପ ବିରୁଦ୍ଧରେ ଆମର ଲଢ଼େଇରେ ଆମେ ନ୍ୟୁଜିଲ୍ୟାଣ୍ଡ ସରକାରଙ୍କ ସମର୍ଥନ ପାଇବୁ ।

ପାକିସ୍ତାନର ସୁରକ୍ଷିତ ହସ୍ପିଟାଲରେ ଚିକିତ୍ସିତ ହେଉଛି ହାଫିଜ୍

ନୂଆ।ଦିଲ୍ଲୀ,୧୭।୩(ଏଜେନ୍ସି): ମୁମ୍ବାଇ ଆ।ତଙ୍କବାଦୀ ଆ।କ୍ରମଣର ମାଷ୍ଟରମାଇଣ୍ଡ ହାଫିଜ ସଇଦ ପାକିସ୍ତାନ ଝେଲମ ଗୁଳିକାଣ୍ଡରେ ଆ।ହତ ହୋଇ ବର୍ତ୍ତି ଯାଇଛି ତାକୁ ରାଲପିଣ୍ଡିର ଆ।ର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ସଇଦ ପାକିସ୍ତାନୀ ସେନାର କୋର କମାଣ୍ଡର ମଙ୍ଗଲାଙ୍କୁ ଭେଟି ଫେରୁଥିବା ବେଳେ ଦୁର୍ବୃତ୍ତଙ୍କ ଆ।କ୍ରମଣର ସମ୍ମୁଖୀନ ହୋଇଥିଲା ।ଏଥିରେ ହାଫିଜର ପୁତୁରା ଅବୁ କତାଲର ମୃତ୍ୟୁ ହୋଇଛି। ତେବେ କେତେକ ଗଣମାଧ୍ୟମରେ ହାଫିଜ ସଇଦର ମୃତ୍ୟୁ ହୋଇଥିବା ଖବର ପ୍ରସାରିତ ହେଉଛି ତେବେ ଗୁଳିକାଣ୍ଡରେ ଆ।ହତ ହାଫିଜର ଏବେ ଚିକିତ୍ସା ଚାଲିଛି।ହାଫିଜ ସଇଦକୁ ଭାରତରେ

ମୁମ୍ବାଇ ୨୬/୧୧ ଆ।ତଙ୍କବାଦୀ ଆ।କ୍ରମଣର ମାଷ୍ଟରମାଇଣ୍ଡ ମନେ କରାଯାଉଛି ଏହି ଆ।କ୍ରମଣରେ ୧୬୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହା ପୂର୍ବରୁ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ପଛରେ ମଧ୍ୟ ହାଫିଜ ସଇଦର ହାତ ଥିଲା। ୨୦୦୧ରେ ହାଫିଜ ସଇଦ ଭାରତୀୟ ସଂସଦକୁ ମଧ୍ୟ ଟାର୍ଗେଟ କରିଥିଲା ସେ ଏନଆ।ଇଏ ମୋଷ୍ଟ ।ଣ୍ଟେଡ ଲିଷ୍ଟରେ ମଧ୍ୟ ରହିଛି ମୁମ୍ବାଇ ଆ।କ୍ରମଣ ପରେ ପାକିସ୍ତାନ ନିକଟରେ ହାଫିଜ ସଇଦର ସମର୍ପଣ ଦାବି ରଖିଥିଲା ଭାରତ ତେବେ ପାକିସ୍ତାନ ତାକୁ ଆ।ତଙ୍କବାଦୀ ସ୍ୱୀକାର କରିବାକୁ ରାଜି ହେଉ ନାହିଁ । ଭାରତରେ ମୋଷ୍ଟ ।ଣ୍ଟେଡ ଆରତଙ୍କବାଦୀ ହାଫିଜ ସଇଦର ପୁତୁରା ନଦୀମ ଓରଫ ଅବୁ କତାଲକୁ ଶନିବାର ବିଳମ୍ବିତ ରାତ୍ରିରେ ପାକିସ୍ତାନର ଝେଲମରେ ହତ୍ୟା କରିଦିଆ।ଯାଇଛି। ଅଜ୍ଞାତ ବନ୍ଧୁକଧାରୀ ତାକୁ ଗୁଳି କରି ହତ୍ୟା କରିଛନ୍ତି କତାଲ ଜମ୍ମୁ-କାଶ୍ମୀର ରିୟାସୀ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା ।ଏହି ଆ।କ୍ରମଣରେ ୯ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୪୧ ଜଣ ଆହତ ହୋଇଥିଲେ। ରଜୌରୀ ଆ।କ୍ରମଣରେ ମଧ୍ୟ ଅବୁ କତାଲର ହାତ ଥିଲା କତାଲ ଜମାତ-ଉଦ-ଦବାର ଟପ କମାଣ୍ଡରଙ୍କ ମଧ୍ୟରେ ଜଣେ ଥିଲା। ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିରେ ଅବୁ କତାଲର ଜଣେ ସହଯୋଗୀ ମଧ୍ୟ ପ୍ରାଣ ହରାଇଛି।

ମଇଁଷିକୁ ବଞ୍ଚାଇବାକୁ ଯାଇ ୫ ବୁଡ଼ିଗଲେ

କଚ୍ଛ,୧୭।୩(ଏଜେନ୍ସି): ଗୁଜୁରାଟର କଚ୍ଛ ଜିଲ୍ଲାର ଅଞ୍ଜାର ତହସିଲରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆ।ସିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ବାତାବରଣ ଦେଖାଦେଇଛି ୫ଜଣ ପିଲା ସାଙ୍ଗ ହୋଇ ମଇଁଷି ଚରାଇବା ପାଇଁ ଯାଇଥିଲେ ମଇଁଷି ଅସାବଧାନତାବଶତଃ ଗାଁ ନିକଟରେ ଥିବା ଏକ ପୋଖରୀ ଭିତରେ ପଶି ଯାଇଥିଲା ଏହି ମଇଁଷିକୁ ଉଦ୍ଧାର କରିବାକୁ ଯାଇ ୫ଜଣ ପିଲାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା ମୃତ ଶିଶୁଙ୍କ ବୟସ ୮ବର୍ଷରୁ ୪ବର୍ଷ ମଧ୍ୟେ ହେବ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ପ୍ରତିଦିନ ଭଳି ୫ଜଣ ସାଙ୍ଗ ଏକାଠି ହୋଇ ମଇଁଷି ଚରାଇବାକୁ ଯାଇଥିଲେ। ଦେଖୁଦେଖୁ ମଇଁଷି ପୋଖରୀ ଭିତରେ ପଶି ଯାଇଥିଲା ପୋଖରୀ ଭିତରୁ ମଇଁଷିକୁ ଘଉଡ଼ାଇବା ପାଇଁ ପିଲାମାନେ ଚେଷ୍ଟା କରିଥିଲେ। କିନ୍ତୁ ମଇଁଷି ଆ।ହୁରି ଭିତରକୁ ଭିତରକୁ ପ୍ରବେଶ କରି ଚାଲିଥିଲା। ଏହାକୁ ଦେଖି ଜଣେ ପିଲା ଆଗପଛ କିଛି ବିଚାର ନକରି ପୋଖରୀ ଭିତରେ ପଶି ଯାଇଥିଲା।ଆ।ଉ ପହଁରା ଜାଣି ନଥିବାରୁ ପାଣିରେ ବୁଡ଼ି ଯାଇଥିଲା । ଉକ୍ତ ପିଲାକୁ ଉଦ୍ଧାର କରିବା ପାଇଁ ଅନ୍ୟ ୪ଜଣ ପିଲା ପୋଖରୀ ଭିତରେ ପ୍ରବେଶ କରିଥିଲେ। ଦୁଃଖର ବିଷୟ ପୋଖରୀ ଭିତରେ ଜଣକ ପରେ ଜଣକକୁ ଯମ ଟାଣି ନେଇ ଯାଇଥିଲା ।ଘଟଣା ବିଷୟରେ ପରିବାର ଲୋକ ଜାଣିଲା ବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା ପିଲାମାନଙ୍କୁ ପୋଖରୀ ଭିତରୁ ଉଦ୍ଧାର କରି ଆ।ଣିଲା ବେଳକୁ ସମସ୍ତଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ପରୀକ୍ଷା କରି ଜଣାଇଥିଲେ। ପୁଲିସ ସୂତ୍ରରୁ ପ୍ରକାଶ, ମୃତ ୫ଜଣ ପିଲା ଗରିବ ପରିବାର ଥିଲେ। ଏମାନଙ୍କ ବାପା ଓ ମା କାମରେ ଘରୁ ବାହାରି ଯିବା ପରେ ସେମାନେ ମଇଁଷିକୁ ଚରାଇବାକୁ ନେଇ ଯାଇଥାଆ।ନ୍ତି।

ନାଇଟ୍ କ୍ଲବରେ ଭୟାବହ ଅଗ୍ନିକାଣ୍ଡ, ୫୧ ମୃତ

ସ୍କ।ପେଜ (ମାସିଡୋନିଆ।),୧୭।୩(ଏଜେନ୍ସି): : ଶନିବାର ବିଳମ୍ବିତ ରାତିରେ ଉତ୍ତର ମାସେଡୋନିଆ।ର କୋକାନି ସହରରେ ଥିବା ଏକ ନାଇଟ୍ କ୍ଲବରେ ଭୟାବହ ଅଗ୍ନିକାଣ୍ଡ ଘଟି ୫୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦୦ ଜଣ ଆ।ହତ ହୋଇଛନ୍ତି। ଅଗ୍ନିଶମ ବିଭାଗ ସହାୟତା ପାଇଁ ପହଞ୍ଚିବା ବେଳକୁ ଏହି ବ୍ୟକ୍ତିମାନେ ପ୍ରାଣ ହରାଇ ସାରିଥିଲେ। ଆ।ହତଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଗୃହମନ୍ତ୍ରୀ ପାନସ୍କେ ତୋଶକୋଭସ୍କି ସୂଚନା ଦେଇଛନ୍ତି। ଏକ ସ୍ଥାନୀୟ ପପ୍ ଗ୍ରୁପ୍ ର ପ୍ରଦର୍ଶନ ସମୟରେ ରାତି ୨ଟା ୩୫ମିନିଟରେ ଅଗ୍ନିକାଣ୍ଡ ଘଟିଥିଲା କ୍ଲବ୍ ଭିତରକୁ ପ୍ରବେଶ କରୁଥିବା ଯୁବକମାନେ

ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି।

ଟୋଶକୋଭସ୍କି କହିଛନ୍ତି ଯେ କ୍ଲବ୍ ପଲସରେ ଏକ ସ୍ଥାନୀୟ ପପ୍ ଗ୍ରୁପ୍ ର ପ୍ରଦର୍ଶନ ସମୟରେ ରାତି ୨ଟା ୩୫ମିନିଟରେ ଅଗ୍ନିକାଣ୍ଡ ଘଟିଥିଲା କ୍ଲବ୍ ଭିତରକୁ ପ୍ରବେଶ କରୁଥିବା ଯୁବକମାନେ ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି ପରିବାର ଲୋକେ କୋକାନିର ଡାକ୍ତରଖାନା ଓ କାର୍ଯ୍ୟାଳୟ ବାହାରେ ଏକତ୍ରିତ ହୋଇ ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଅଧିକାରୀଙ୍କୁ ଅନୁରୋଧ କରୁଛନ୍ତି ତୋଶକୋଭସ୍କି କହିଛନ୍ତି ଯେ ପୋଲିସ ଜଣଙ୍କୁ ଗିରଫ କରିଛି, କିନ୍ତୁ ସେ ସେହି ବ୍ୟକ୍ତିଙ୍କ ସମ୍ପୃକ୍ତି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିନାହାଁନ୍ତି।

କେଦାରନାଥରେ ଅଣ-ହିନ୍ଦୁ ପ୍ରବେଶ ନିଷେଧ !

ନୂଆଦିଲ୍ଲୀ,୧୭।୩(ଏଜେନ୍ସି): କେଦାରନାଥ ମନ୍ଦିରରେ ଅଣ-ହିନ୍ଦୁଙ୍କ ପ୍ରବେଶକୁ ନିଷେଧ କରି ଦେବା ଉଚିତ। କାରଣ କିଛି ଅଣହିନ୍ଦୁ ମନ୍ଦିର ପରିସରର ପବିତ୍ରତା ନଷ୍ଟ କରି ଦେଉଛନ୍ତି କେଦାର ନାଥ ବିଜେପି ବିଧାୟିକା ଆ।ଶା ନୌଟିୟାଲଙ୍କର ଏଭଳି ବୟାନକୁ ନେଇ ନୂଆ। ବିବାଦ ଆ।ରମ୍ଭ ହୋଇ ଯାଇଛି ଏହାକୁ ତୀବ୍ର ସମାଲୋଚନା କରିଛନ୍ତି ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାତ ବିଜେପି ନେତାମାନଙ୍କର ଏଭଳି ବିବାଦୀୟ ମନ୍ତବ୍ୟ ଦେବାର ଅଭ୍ୟାସ ହୋଇଗଲାଣି ବୋଲି ସେ କହିଛନ୍ତି।

କିଛି ବ୍ୟକ୍ତି ଏହି ଅଞ୍ଚଳରେ ମାଂସ, ମାଛ ଖାଉଥିଲେ ଏବଂ ମଦ୍ୟପାନ କରୁଥିଲେ ବୋଲି ବିଧାୟକଙ୍କୁ କୁହାଯାଇଥିଲା। ଏହାପରେ ସେ କହିଲେ ଯେ ଏହା କେବଳ ଉପଯୁକ୍ତ ତଦନ୍ତ ପରେ ହିଁ ଜଣାପଡ଼ିବ ଯଦି କିଛି ଲୋକ କେଦାରନାଥ ଧାମର ଛବିକୁ ଖରାପ କରିପାରୁଥିବା କିଛି କରୁଛନ୍ତି, ତେବେ ସେମାନଙ୍କର ପ୍ରବେଶକୁ ନିଷେଧ କରାଯିବା ଉଚିତ ସେମାନେ ନିଶ୍ଚିତ ଭାବରେ ଅଣହିନ୍ଦୁ ଯେଉଁମାନେ ବାହାରୁ ଆ।ସି ଧାମକୁ ବଦନାମ କରିବା ପାଇଁ ଏପରି କାର୍ଯ୍ୟକଳାପରେ ସାମିଲ ହେଉଛନ୍ତି ବୋଲି ବିଧାୟିକା କହିଛନ୍ତି ।

ଏହି ବିଷୟରେ ବିଭାଗୀୟ ମନ୍ତ୍ରୀ ସୌରଭ ବହୁଗୁଣା ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ବାସିନ୍ଦାଙ୍କ ସହିତ ବୈଠକ କରି ଆ।ଲୋଚନା କରି ସାରିଛନ୍ତି ବୈଠକ ସମୟରେ କିଛି ବ୍ୟକ୍ତି ସରକାରଙ୍କୁ ଏଭଳି ପରାମର୍ଶ ଦେଇଥିଲେ ସେମାନେ କହିଥିଲେ ଯେ କିଛି ଅଣ-ହିନ୍ଦୁ ବ୍ୟକ୍ତି କେଦାରନାଥ ଧାମର ପ୍ରତିଷ୍ଠାକୁ ଖରାପ କରିବାକୁ ଚେଷ୍ଟା କରୁଛନ୍ତୀ ଏପରି ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସ୍ଥଳରେ ପ୍ରବେଶ କରିବାରୁ ବାରଣ କରାଯିବା ଉଚିତ ବୋଲି ସେମାନେ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିବା ବିଧାୟିକା କହିଛନ୍ତି । ନୌଟିୟାଲଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା ହରିଶ ସିଂହ ରାତ ଏହାକୁ ସମାଲୋଚନା କରିଛନ୍ତି ସେ କହିଛନ୍ତି, ଏଭଳି ବିବାଦୀୟ ମନ୍ତବ୍ୟ ଦେବା ବିଜେପି ନେତାମାନଙ୍କର ଅଭ୍ୟାସ ଉତ୍ତରାଖଣ୍ଡ ଏକ 'ଦେବଭୂମି' ଏବଂ ଆ।ପଣ କେତେଦିନ ପର୍ଯ୍ୟନ୍ତ ସବୁକିଛି ଧର୍ମ ସହିତ ଯୋଡ଼ିଥିବେ ? ସେମାନେ ଏପରି କରୁଛନ୍ତି କାରଣ ସେମାନଙ୍କ ପାଖରେ ଲୋକଙ୍କୁ କହିବା ପାଇଁ କିଛି ନାହିଁ ।

ଜଳନ୍ଧରରେ ଗ୍ରେନେଡ୍ ଆକ୍ରମଣ

ଜଳନ୍ଧର,୧୭।୩(ଏଜେନ୍ସି): ପଞ୍ଜାବର ଜଳନ୍ଧରରେ ଏକ ଘର ଉପରେ ଗ୍ରେନେଡ୍ ଆ।କ୍ରମଣ ହୋଇଛି । ପାକିସ୍ତାନୀ ଗ୍ୟାଙ୍ଗଷ୍ଟର ଶାହଜାଦ ଭଟ୍ଟି ଏହି ଆ।କ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସେ ନିଜ ସୋସିଆ।ଲ ମିଡିଆ। ଆ।କାଉଣ୍ଟରେ ଏକ ଭିଡିଓ ସେୟାର କରି ଆ।କ୍ରମଣର ଦାୟିତ୍ୱ ନେଇଛନ୍ତି। ଶହଜାଦ ଭଟ୍ଟି କହିଛନ୍ତି, ଯେଉଁ ବ୍ୟକ୍ତିଙ୍କ ଘରେ ଆ।କ୍ରମଣ ହୋଇଥିଲା, ତାଙ୍କ ଆଖପାଖ ସହଯୋଗୀମାନେ ଇସଲାମ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଆମେ ଚୁପ୍ ବସିବୁ ନାହିଁ ଯଦି ସେମାନଙ୍କୁ ସେଠାରେ ଗିରଫ କରା ନଯାଏ, ତେବେ ଆମେ ଆ।କ୍ରମଣ ଜାରି ରଖିବୁ। ଅମୃତସରର ଖଣ୍ଡାଲା ଅଞ୍ଚଳରେ ଏକ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ନିକଟରେ ଥିବା କାନ୍ଥ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଝରକା କାଚ ଭାଙ୍ଗି ଯାଇଥିଲା ଶନିବାର ସକାଳେ ହୋଇଥିବା ଏହି ବିସ୍ଫୋରଣରେ କେହି ମୃତାହତ ହୋଇନଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆ।ତଙ୍କ ଖେଳିଯାଇଛି। ଏହି ବିସ୍ଫୋରଣ ପାକିସ୍ତାନୀ ଆ।ଇଏସ୍ଆ।ଇ ଆ।ତଙ୍କବାଦୀ ସଂଗଠନ ସହ ଜଡ଼ିତ ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଅମୃତସର ପୋଲିସ କମିଶନର ଗୁରପ୍ରୀତ ସିଂ ଭୁଲର କହିଛନ୍ତି ଯେ ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ପୋଲିସକୁ ଘଟଣା ବିଷୟରେ ସୂଚନା ଦିଆ।ଯାଇଥିଲା । ଖବର ପାଇ ପୁଲିସ ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା।

ବଜରଙ୍ଗ, ଭିଏଚ୍‌ପି ଓ ଆରଏସ୍‌ଏସକୁ ସଞ୍ଜୟଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ବିନୋଦ ବଂଶଲଙ୍କ ବୟାନର ଜବାବରେ ବିବାଦୀୟ ବୟାନ ଦେଇଛନ୍ତି ସଞ୍ଜୟ ରାଉତ ସେ କହିଛନ୍ତି ଯେ, ଦେଶ ବିଭାଜନ ଆ।ଡକୁ ଗତି କରୁଛି ମୋତେ ଆ।ଜିର ପରିସ୍ଥିତି ୧୯୪୭ ପୂର୍ବ ପରିସ୍ଥିତି ସହିତ ସମାନ ଭଳି ମନେ ହେଉଛି ଯେତେବେଳେ ପାକିସ୍ତାନ ସୃଷ୍ଟି ହେଉଥିଲା, କିଛି ଲୋକ ସମାନ ପରିସ୍ଥିତି ସୃଷ୍ଟି କରିଥିଲେ ପଣ୍ଡିତ ନେହେରୁ କହିଥିଲେ ଯେ ଭାରତକୁ ହିନ୍ଦୁ ପାକିସ୍ତାନ ହେବାକୁ ଦିଆ।ଯିବ ନାହିଁ

ଦେଶ ଧର୍ମାନ୍ଧମାନଙ୍କ ହାତରେ ପଡ଼ିବା ଉଚିତ ନୁହେଁ। ସେମାନେ ହିନ୍ଦୁ ହୁଅନ୍ତୁ କି ମୁସଲମାନ, ହେଲେ ଦୁର୍ଭାଗ୍ୟବଶତଃ ଆଜି ଏହି ଦେଶ ସମାନ ଶକ୍ତିଙ୍କ ହାତରେ ପଡ଼ିଯାଇଛି। ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସେମାନଙ୍କର କର୍ମୀମାନଙ୍କ ଉପରୁ ନିୟନ୍ତ୍ରଣ ହରାଇ ବସିଛନ୍ତି। ଏହି ସଂଗଠନଗୁଡ଼ିକର କେବଳ ଗୋଟିଏ କାମ ବାକି ଅଛି ଦଙ୍ଗା ସୃଷ୍ଟି କରିବା, ମସଜିଦ ଉପରେ ଆ।କ୍ରମଣ କରିବା ଏବଂ ହିନ୍ଦୁ ଯୁବକମାନଙ୍କୁ ଉସୁକାଇବା। କହିରଖୁଛୁ, ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ରାଷ୍ଟ୍ରୀୟ ମୁଖପାତ୍ର ବିନୋଦ ବଂଶଲ କହିଛନ୍ତି ଯେ ଆସନ୍ତା ସୋମବାର ଶିବାଜୀ ଜୟନ୍ତୀରେ ଔରଙ୍ଗଜେବଙ୍କ ସମାଧିର ଶେଷ ହେବ। ୧୭ ମାର୍ଚ୍ଚ ହେଉଛି ଛତ୍ରପତି ଶିବାଜୀ ମହାରାଜଙ୍କ ପବିତ୍ର ଜନ୍ମବାର୍ଷିକୀ। ସେ ତାଙ୍କ ଜୀବନର ତିନି ପିଢ଼ିକୁ ହିନ୍ଦୁ ସ୍ୱରାଜ୍ୟର ସୁରକ୍ଷା ପାଇଁ ଉତ୍ସର୍ଗ କରିଥିଲେ ଏବଂ ଆ।ତଙ୍କବାଦୀ ମୋଗଲମାନଙ୍କୁ କଠିନ ସମୟ ଦେଖାଇଥିଲେ ଦେଶର ଆତ୍ମପ୍ରତିଷ୍ଠା ଏବଂ ପରାଧୀନତା ଏବଂ ପରାଧୀନ ମାନସିକତାର ପ୍ରତୀକଗୁଡ଼ିକର ତ୍ୟାଗ ଏବେଠୁ ହେବା ଆ।ବଶ୍ୟକ। ଔରଙ୍ଗଜେବଙ୍କ ପରେ, ଏବେ ତାଙ୍କ ସମାଧି ସମାପ୍ତ ହେବାର ସମୟ ମଧ୍ୟ ଆ।ସିଛି ସେହି ଦିନ ଭିଏଚ୍‌ପି ଏବଂ ବଜରଙ୍ଗ ଦଳର କର୍ମୀମାନେ ଔରଙ୍ଗଜେବଙ୍କ ପ୍ରତିମୂର୍ତ୍ତି ହଟାଇବାକୁ ସାରା ମହାରାଷ୍ଟ୍ରରେ ପ୍ରତିବାଦ କରିବେ ଏବଂ ସ୍ଥାନୀୟ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ମାଧ୍ୟମରେ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବେ ଏବଂ ଶିବାଜୀ ମହାରାଜଙ୍କ ପବିତ୍ର ଭୂମିରୁ ଔରଙ୍ଗଜେବଙ୍କ ସମାଧି ଏବଂ ଔରଙ୍ଗଜେବ ମାନସିକତାକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିବାକୁ ଅନୁରୋଧ କରିବେ। ଔରଙ୍ଗଜେବଙ୍କ ସମାଧି ମହାରାଷ୍ଟ୍ରର ସମ୍ଭାଜୀ ନଗରରେ ଅଛି ଏବଂ ସେ ମହାରାଜା ସମ୍ଭାଜୀଙ୍କୁ ବହୁତ ନିର୍ଯାତନା ଦେବା ପରେ ହତ୍ୟା କରିଥିଲେ। ସେଥିପାଇଁ ଏପରି ବ୍ୟକ୍ତିଙ୍କ କବର ରହିବା ଉଚିତ ନୁହେଁ ଏହି ବୟାନକୁ ନେଇ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଛି।

ବେଙ୍ଗାଲୁରୁ ବିମାନବନ୍ଦରରୁ ଜବତ ହେଲା ଡ୍ରଗ୍ସ

ମାଙ୍ଗାଲୁରୁ,୧୭।୩(ଏଜେନସି): ବେଙ୍ଗାଲୁରୁ ବିମାନବନ୍ଦରରୁ ୩୭ କିଲୋଗ୍ରାମ୍ ଡ୍ରଗ୍ସ ସହ ନାଇଜେରିଆ।ର ୨ ମହିଳାଙ୍କୁ ଗିରଫ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୭୫ କୋଟି ଟଙ୍କା ହେବ। କର୍ନାଟକରେ ଏହା ସର୍ବାଧିକ ଡ୍ରଗ୍ସ ଜବତ ବୋ

ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନର ବିପୁଳ କ୍ଷତି

ଇସଲାମାବାଦ, ୧୭ମାର୍ଚ୍ଚ: ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରି ନିଜ ଭାଗ୍ୟ ବଦଳାଇବାକୁ ଚେଷ୍ଟା କରିଥିଲା ରାଜନୀତିକ ଅସ୍ଥିରତା ଯୋଗୁ ପାକିସ୍ତାନ ଆର୍ଥିକ ସଙ୍କଟ ମଧ୍ୟରେ ପୂର୍ବରୁ ରହିଥିଲା ।ତଥାପି ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରି ପ୍ରବଳ ରାଜସ୍ୱ ଆୟ କରିବା ଲକ୍ଷ୍ୟରେ ନିଜର ସବୁ କିଛି ବାଜିରେ ଲଗାଇ ଦେଇଥିଲା ।

ପାକିସ୍ତାନ କ୍ରିକେଟ ବୋର୍ଡ ଭାବିଥିଲା ଚାମ୍ପିୟନ୍ସ ଟ୍ରଫିରେ ଭଲ ଆୟ ହେବ କିନ୍ତୁ ପାକିସ୍ତାନ ଟିମ ଚାମ୍ପିୟନ୍ସ ଟ୍ରଫିରେ ଗୋଟିଏ ହେଲେ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇନି ।ଘରୋଇ ପରିବେଶରେ ଦଳ କେବଳ ଗୋଟିଏ ମ୍ୟାଚ୍ ହିଁ ଖେଳିବାକୁ ସକ୍ଷମ ହୋଇଛି ଏଥିଯୋଗୁ ପାକିସ୍ତାନ କ୍ରିକେଟ ବୋର୍ଡକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି ।

ପିସିବିର ସବୁ ଆଶା ଦୁଃସ୍ୱପ୍ନରେ ପରିଣତ ହୋଇଛି ।ଲାଭ ବଦଳରେ ପିସିବିକୁ ସହିବାକୁ ପଡ଼ିଛି କୋଟି କୋଟିର କ୍ଷତି ୧୯୯୬ ପରେ କୌଣସି ଆଇସିସି ଇଭେଣ୍ଟ ଆୟୋଜନ କରୁଥିବାରୁ ଏହାକୁ

ସ୍ମରଣୀୟ କରିବା ଲକ୍ଷ୍ୟରେ ରହିଥିଲା ହେଲେ ଘରୋଇ ଟିମର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ପାକିସ୍ତାନ ପ୍ରବଳ କ୍ଷତି ସହିଛି ।

ଦି ଟେଲିଗ୍ରାଫର ରିପୋର୍ଟ ଅନୁସାରେ ପିସିବି କରାଚି, ଲାହୋର ଓ ରାଲପିଣ୍ଡି ଷ୍ଟାଡିୟମର ନବୀକରଣ କରିବାକୁ ୫୬୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା ଏହା ପ୍ରାରମ୍ଭିକ ବଜେଟ ଠାରୁ ୫୦% ଅଧିକ ତଥାପି ପାକିସ୍ତାନ କ୍ରିକେଟ ବୋର୍ଡ ଋଣ କରି ଅର୍ଥ ଖର୍ଚ୍ଚ କରିବାକୁ ପଛାଇ ନଥିଲା । କାରଣ ଆଶା ଥିଲା ଯେ ଚାମ୍ପିୟନ୍ସ ଟ୍ରଫିରୁ ସବୁ କିଛି ଆୟ ହୋଇଯିବ । ହେଲେ ପାକିସ୍ତାନ ଟିମର ନୈରାଶଜ୍ୟକ ପ୍ରଦର୍ଶନ କରିବାରୁ ଚାମ୍ପିୟନ୍ସ ଟ୍ରଫିର ଗୁରୁ ପାକିସ୍ତାନରେ ହ୍ରାସ ପାଇଥିଲା ।

ପାକିସ୍ତାନ ଲିଗ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ୍‌କୁ ନ୍ୟୁଜିଲ୍ୟାଣ୍ଡରୁ ଏକତରଫା ଭାବେ ପରାସ୍ତ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଖେଳିବାକୁ ଆୟୋଜକ ପାକିସ୍ତାନ ସର୍ତ୍ତ ଅନୁସାରେ ଦୁବାଇରେ ପହଞ୍ଚିଥିଲା । ଏଠାରେ ମଧ୍ୟ ଦଳକୁ ଭାରତ ଠାରୁ ହାରିବାକୁ ପଡ଼ିଥିଲା । ଦୁଇଟି ମ୍ୟାଚ୍ ହାରିବାରୁ ପାକିସ୍ତାନର ସେମି ଫାଇନାଲ ଆଶା ମଉଳି ଯାଇଥିଲା । ତଥାପି ଶେଷ ଲିଗ ମ୍ୟାଚ୍ ଦଳ ନିଜ ଦେଶରେ ଖେଳିବାକୁ ଯାଇଥିଲା ହେଲେ ବର୍ଷା ଯୋଗୁ ଗୋଟିଏ ବଲ ପଡ଼ି ପାରିନଥିଲେ । ତେଣୁ ନିୟମ ଅନୁସାରେ ପିସିବିକୁ ମ୍ୟାଚ୍‌ର ସମସ୍ତ ଟିକେଟ ପଇସାକୁ ଲୋକଙ୍କୁ ଫେରାଇବାକୁ ପଡ଼ିଥିଲା ।

ସେହିପରି ଚାମ୍ପିୟନ୍ସ ଟ୍ରଫିର ଅନ୍ୟାନ୍ୟ ପ୍ରସ୍ତୁତି ପାଇଁ ପିସିବିକୁ ଆଉ ୩୪୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା ।ଏହାର ଅର୍ଥ ପିସିବି ଚାମ୍ପିୟନ୍ସ ଟ୍ରଫି ପାଇଁ ପ୍ରାୟ ୯୦୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ହେଲେ ଏହା ବଦଳରେ ପିସିବି କେବଳ ୫୨ କୋଟି ଟଙ୍କା ଆୟୋଜନ ଫି ଓ ଟିକେଟ ବିକ୍ରିରୁ ହାସଲ କରିଛି ।ପିସିବି ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରି ୭୩୯ କୋଟି ଟଙ୍କାର କ୍ଷତି ସହିଛି ।

ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରୁଥିବା ବେଳେ ଫାଇନାଲ ଦୁବାଇରେ ଖେଳା ଯାଇଥିଲା କାରଣ ଭାରତ ଫାଇନାଲକୁ ଯାଇଥିବାରୁ ସର୍ତ୍ତ ଅନୁସାରେ ଫାଇନାଲ ଦୁବାଇରେ ଖେଳା ଯାଇଥିଲା ଫାଇନାଲ ଆୟୋଜନରୁ ବଞ୍ଚିତ ହୋଇଥିବା ପାକିସ୍ତାନ ପୁଣି ଆର୍ଥିକ କ୍ଷତି ସହିଥିଲା କୌତୁହଳର ବିଷୟ ହେଲା ଯେ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରୁଥିଲେ ହେଁ ନିଜ ଦେଶରେ କେବଳ ଗୋଟିଏ ମ୍ୟାଚ ଖେଳି ପାରିଛି । ଏଥିଯୋଗୁ ସ୍ଥାନୀୟ ଦର୍ଶକଙ୍କ ଠାରୁ ରାଜସ୍ୱ ଆୟ କରିବା ସୁଯୋଗକୁ ପାକିସ୍ତାନ ହାତ ଛଡ଼ା କରିଛି ।

ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରି ଘାଟା ସହିଥିବା ପିସିବି ଏବେ ସ୍ଥାନୀୟ ଖେଳାଳିଙ୍କ ଉପରେ ନିଜର ରାଗ ସୁଝାଇଛି ଆର୍ଥିକ ଭରଣା ପାଇଁ ପିସିସବି କଷ୍ଟ କଟିଂ ବ୍ୟବସ୍ଥା ଆପଣାଇଛି । ପିସିବି ପକ୍ଷରୁ ଜାତୀୟ ଟି-୨୦ ଚାମ୍ପିୟନଶିପରେ ଭାଗ ନେଇଥିବା ସ୍ଥାନୀୟ ଖେଳାଳିଙ୍କ ମ୍ୟାଚ୍ ଫିକୁ ୯୦% କାଟି ଦିଆଯାଇଥିଲା । ପୂର୍ବରୁ ଘରୋଇ କ୍ରିକେଟରେ ଖେଳାଳିମାନେ ମ୍ୟାଚ୍ ପିଛା ୪୦ ହଜାର ଟଙ୍କା ପାଉଥିଲେ କିନ୍ତୁ ଏହାକୁ ଏବେ ୧୦ ହଜାର ଟଙ୍କାକୁ ହ୍ରାସ କରାଯାଇଥିଲା ।କିନ୍ତୁ ଏହାକୁ ନେଇ ବିବାଦ ହେବାରୁ ପିସିବି ଅଧ୍ୟକ୍ଷ ମୋହସିନ ନକବୀ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିବା ଜଣାପଡ଼ିଛି । ତେବେ ଖେଳାଳିଙ୍କୁ ମ୍ୟାଚ୍ ଫି ବାବଦରେ ୩୦ ହଜାର ଟଙ୍କା ମିଳିବ ବୋଲି ଜଣାପଡ଼ିଛି । ଏହା ଗତବର୍ଷ ତୁଳନାରେ ୧୦ ହଜାର କମ ।

ସେହିପରି ସଂରକ୍ଷିତି ଖେଳାଳିଙ୍କ ଟଙ୍କା ମଧ୍ୟ ୮୭.୫% କମାଇ ଦିଆଯାଇଛି ପିସିବି ଘରୋଇ ଟୁର୍ଣ୍ଣାମେଣ୍ଟ ବେଳେ ଖେଳାଳିଙ୍କୁ ୫ଷ୍ଟାର ହୋଟେଲରେ ରଖୁଥିଲା କିନ୍ତୁ ଏବେ ସେମାନଙ୍କୁ କମ ଦାମରେ ଲଜରେ ରଖିବାକୁ ନିଷ୍ପତ୍ତି ନେଇଛି ।

ମୁମ୍ବାଇ ଇଣ୍ଡିଆନ୍ସକୁ ନେଇ ପାଣ୍ଡ୍ୟା ଉତ୍ସାହିତ

ମୁମ୍ବାଇ, ୧୭ମାର୍ଚ୍ଚ:: ଭାରତୀୟ କ୍ରିକେଟ ଦଳର ଷ୍ଟାର ଏବଂ ସମ୍ପ୍ରତି ଚାମ୍ପିଅନ୍ସ ଟ୍ରଫି ବିଜେତା ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୫ରେ ଦ୍ୱିତୀୟ ଥର ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ର ଅଧିନାୟକ ହେବାକୁ ଯାଉଛନ୍ତି । ଚଳିତବର୍ଷ ହାର୍ଦ୍ଦିକ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଜସପ୍ରୀତ ବୁମରା ଏବଂ ତିଲକ ବର୍ମାଙ୍କ ଭଳି ଖେଳାଳିଙ୍କୁ ନେଇ ଗଠିତ ଦଳର ନେତୃତ୍ୱ ନେବେ ଗତ ସିଜନରେ ଏହି ଦଳ ଶେଷ ସ୍ଥାନରେ ଥିଲା ବଡ଼ କଥା ହେଉଛି ଗତ ସିଜିନରେ ପାଣ୍ଡ୍ୟା ନିଜେ ତାଙ୍କ ପ୍ରଶଂସକଙ୍କ ସମର୍ଥନ ପାଇ ନ ଥିଲେ ତାଙ୍କୁ ଷ୍ଟାଡିୟମରେ ଟ୍ରୋଲର ସମ୍ମୁଖୀନ ହେବାକୁ ପଡିଲା ।କିନ୍ତୁ ଏଥର ପୂରା କାହାଣୀ ବଦଳି ଯାଇଛି ପାଣ୍ଡ୍ୟା ଏକ ସାକ୍ଷାତକାରରେ କହିଛନ୍ତି, ଏଥର ତାଙ୍କ ଦଳ କିପରି ବହୁତ ଶକ୍ତିଶାଳୀ ଏବଂ ସେ କେଉଁ କ୍ଷେତ୍ରରେ ସବୁଠାରୁ ଅଧିକ କାମ କରିଛନ୍ତି । ଏମ୍‌ଆଇର ରଣନୀତି ବିଷୟରେ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି, ଏହି ସିଜନରେ ଦଳ ବୋଲିଂ ଉପରେ ବିଶେଷ ଧ୍ୟାନ ଦେଉଛି । ଆମେ ଯେଉଁ ଖେଳାଳିମାନଙ୍କୁ ବାଛିଛୁ ସେମାନେ ଆମର ଯୋଜନାର ଅଂଶ ଥିଲେ । ଏହି ବର୍ଷ ଆମର ଲକ୍ଷ୍ୟ ଏକ ଶକ୍ତିଶାଳୀ ବୋଲିଂ ୟୁନିଟ ପ୍ରସ୍ତୁତ କରିବା କାରଣ ଓ୍ୱାଙ୍ଖେଡେ ଏକ ଚ୍ୟାଲେଞ୍ଜିଂ ଗ୍ରାଉଣ୍ଡ ମୁମ୍ବାଇରେ ଖେଳିବା, ବିଶେଷକରି ଓ୍ୱାଙ୍ଖେଡେରେ, ଆଇପିଏଲରେ କଷ୍ଟକର ହୋଇପାରେ ।

ଓଡ଼ିଶା ପୁଅ ଅମିତ ରୋହିଦାସ ଶ୍ରେଷ୍ଠ ଡିଫେଣ୍ଡର

ନୂଆଦିଲ୍ଲୀ, ୧୭ମାର୍ଚ୍ଚ: ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ଅମିତ ରୋହିଦାସ ବର୍ଷର ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ଲାଭ କରିଛନ୍ତି । ଭାରତର ଅଧିନାୟକ ହରମନପ୍ରୀତ୍ ସିଂ ଓ ସିନିୟର ଗୋଲ୍‌କିପର ସବିତା ପୁନିଆ । ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗ ହକି ଇଣ୍ଡିଆ । ବଲ୍‌ବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି ।

ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ୨୦୨୪ରେ କ୍ରମାଗତ ଦ୍ୱିତୀୟ ଥର ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ରହିଥିଲା । ସେ ଆହୁରି ମଧ୍ୟ ଟୋକିଓ ଗେମ୍ସ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ରହିଥିଲେ ସବିତାଙ୍କ ଲାଗି ଏହାଥିଲା ଦ୍ୱିତୀୟ ଆନନ୍ଦର ବିଷୟ ସେ ୨୦୨୪ ବର୍ଷ ପାଇଁ ହକି ଇଣ୍ଡିଆ । ବଲ୍‌ଜିତ ସିଂ ଗୋଲ୍‌କିପର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ଲାଭ କରିଛନ୍ତି । ସବିତା ତୃତୀୟ ଥର ପାଇଁ ଏହି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି । ଭାରତୀୟ ହକି ଶତବାର୍ଷିକୀ ପାଳନ ଅବସରରେ ୭ମ ହକି ଇଣ୍ଡିଆ । ପୁରସ୍କାର ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ଆହୁରି ମଧ୍ୟ ୧୯୭୫ରେ କୁଆଲାଲମ୍ପୁରରେ ଦେଶର ବିଶ୍ୱକପ୍ ବିଜୟ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ୧୯୭୫ ପୁରୁଷ ବିଶ୍ୱକପ୍ ବିଜୟୀ ଦଳକୁ ହକି ଇଣ୍ଡିଆ । ମେଜର ଧ୍ୟାନଚନ୍ଦ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା । ହାର୍ଦ୍ଦିକ ସିଂଙ୍କୁ ଫରୱାର୍ଡ ଅଫ୍ ଦି ଇୟର ପୁରସ୍କାର ମିଳିଥିବା ବେଳେ ହାର୍ଦ୍ଦିକ ସିଂ ମିଡ୍‌ଫିଲ୍ଡର ଅଫ୍ ଦି ଇୟର ବିବେଚିତ ହୋଇଥିଲେ । ସେହିପରି ଯୁଗରାଜ ସିଂ ୨୧ ବର୍ଷରୁ କମ୍ ପୁରୁଷ ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଥିବା ବେଳେ ଦୀପିକାଙ୍କୁ ୨୧ ବର୍ଷରୁ କମ୍ ମହିଳା ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମିଳିଛି ।

ହଠାତ୍ କ୍ରିକେଟ୍ ପଡ଼ିଆରେ ଟଳିପଡ଼ିଲେ କ୍ରିକେଟର୍

ଆଡିଲେଡ, ୧୭ମାର୍ଚ୍ଚ: ଦକ୍ଷିଣ ଅଷ୍ଟ୍ରେଲିଆରେ ଖେଳାଯାଉଥିବା ଏକ କ୍ଲବ କ୍ରିକେଟ ମ୍ୟାଚ ସମୟରେ ଅତ୍ୟଧିକ ଗରମ ଯୋଗୁ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଜୁନୈଦ ଜାଫର ତଳେ ପଡ଼ିଯାଇଥିଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା । କିନ୍ତୁ ତାଙ୍କ ଜୀବନ ବଞ୍ଚାଯାଇପାରି ନ ଥିଲା । ଆଡିଲେଡର କନକୋର୍ଡିଆ । କଲେଜ ଓଭାଲରେ ଖେଳାଯାଇଥିବା ମ୍ୟାଚ ସମୟରେ ଏହି ଦୁଃଖଦ ଘଟଣା ଘଟିଥିଲା । ଅଷ୍ଟ୍ରେଲୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ, କନକୋର୍ଡିଆ । କଲେଜରେ ପ୍ରବଳ ଗରମରେ ମ୍ୟାଚ ଖେଳାଯାଉଥିଲା ଜୁନୈଦ ଜାଫର ଓଲ୍ଡ କନକର୍ଡିଆନ୍ସ ପାଇଁ ଖେଳୁଥିଲେ ପାଣିପାଗ ରିପୋର୍ଟ ଅନୁଯାୟୀ, ପ୍ରିନ୍ସ ଆଲଫ୍ରେଡ ଓଲ୍ଡ କଲେଜିଆନ୍ସ ବିପକ୍ଷରେ ଏହି ମ୍ୟାଚ ସମୟରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ଥିଲା । ୪୦ ବର୍ଷୀୟ ଜୁନୈଦ ଜାଫର ଅପରାହ୍ନ ପ୍ରାୟ ୪ଟା ବେଳେ ବ୍ୟାଟିଂ କରୁଥିବା ସମୟରେ ହଠାତ୍ ପିଚ୍‌ରେ ପଡ଼ିଯାଇଥିଲେ ।

ସେମିଫାଇନାଲ୍ ଦୁଃଖ ଭୁଲିପାରୁନାହାନ୍ତି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୭ମାର୍ଚ୍ଚ:ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ରବିବାର ଦିନ ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ପହଞ୍ଚିଛନ୍ତି ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଅର୍ଥନୈତିକ ସହଭାଗୀତା ଭଳି ପ୍ରସଙ୍ଗରେ ଆଲୋଚନା କରିଥିଲେ ବୈଠକ ପରେ ପ୍ରଧାନମନ୍ତ୍ରୀ ଲକ୍ସନ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ ଏବଂ ଚାମ୍ପିଅନ୍ସ ଟ୍ରଫିରେ ଭାରତ ବିପକ୍ଷ ପରାଜୟର କଥା ଉଲ୍ଲେଖ କରିଥିଲେ କଥାବାର୍ତ୍ତା ସମୟରେ ନ୍ୟୁଜିଲାଣ୍ଡର ପରାଜୟ ବିଷୟରେ ଉଲ୍ଲେଖ ନ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେଇଥିଲେ ।ମିଳିତ ସାମ୍ବାଦିକ ସମ୍ମିଳନୀ ସମୟରେ ଲକ୍ସନ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ଭାରତ ବିପକ୍ଷରେ

ନ୍ୟୁଜିଲାଣ୍ଡର ଚାମ୍ପିଅନ୍ସ ଟ୍ରଫି ପରାଜୟର ପ୍ରସଙ୍ଗ ଉଠାଇ ନାହାଁନ୍ତି ଏବଂ ମୁଁ ମଧ୍ୟ ଭାରତରେ ଆମର ଟେଷ୍ଟ ବିଜୟର ପ୍ରସଙ୍ଗ ଉଠାଇ ନାହିଁ । ଏଥିପାଇଁ ମୁଁ ପ୍ରକୃତରେ ମୋଦିଙ୍କୁ ଧନ୍ୟବାଦ୍ ଦେଉଛି । ତେଣୁ ସେହି ପ୍ରସଙ୍ଗକୁ ଛାଡିଦେବା । ଏହା ଶୁଣି ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ସେଠାରେ ଉପସ୍ଥିତ ସମସ୍ତେ ହସିଥିଲେ ।ଦୁବାଇରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡକୁ ଚାରି ଉଇକେଟରେ ପରାସ୍ତ କରି ୧୨ ବର୍ଷ ପରେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିଛି । ନ୍ୟୁଜିଲାଣ୍ଡ ଭାରତକୁ ଜିତିବା ପାଇଁ ୨୫୨ ରନର ଟାର୍ଗେଟ ଦେଇଥିଲା, ଯାହାକୁ ଭାରତ ଗୋଟିଏ ଓଭର ବାକି ଥାଇ ହାସଲ କରି ନେଇଥିଲା ଟସ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ, ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୫୧ ରନ କରିଥିଲା ଜବାବରେ, ଭାରତ ୪୯ ଓଭରରେ ଛଅ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲା ରୋହିତ ଏକ ଅଧିନାୟକ ଇନିଂସ ଖେଳିଥିଲେ ସେ ୭୬ ରନ କରି ଭାରତକୁ ସଙ୍କଟରୁ ବାହାର କରିଥିଲେ । ପୂର୍ବରୁ, ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସିଥିଲା । ଯେଉଁଠାରେ ଦଳ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଆୟୋଜକ ଦଳକୁ ୩-୦ରେ ପରାସ୍ତ କରିଥିଲା ।

ଜାତୀୟ ମହିଳା ବକ୍ସିଂ ପ୍ରତିଯୋଗିତାକୁ ନେଇ ଦ୍ୱନ୍ଦ୍ୱ

ଭୁବନେଶ୍ୱର: ଉତ୍ତରପ୍ରଦେଶର ନୋଏଡାସ୍ଥିତ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟଠାରେ ଚଳିତମାସ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଅଷ୍ଟମ ଜାତୀୟ ଏଲିଟ୍ ମହିଳା ବକ୍ସିଂ ଚାମ୍ପିଅନସିପ୍‌କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ପ୍ରତିଯୋଗିତା ସ୍ଥଗିତ ରହିଥିବା ଓଡ଼ିଶା ଆମେଚର ବକ୍ସିଂ ସଂଘ (ଓଏବିଏ) ଦାବି କରୁଥିଲା ବେଳେ ଜାତୀୟ ମହାସଂଘ (ବିଏଫ୍‌ଆଇ) ଏହାକୁ ଖଣ୍ଡନ କରିଛି ଫଳରେ ବିନା ଦୋଷରେ ରାଜ୍ୟର ପ୍ରତିଭାବାନ ଖେଳାଳିମାନେ ହଇରାଣ ହେଉଛନ୍ତି ଏକ ବଡ଼ ପ୍ରତିଯୋଗିତାରେ ଖେଳିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି ଯାହା ଓଏବିଏର ବକ୍ସିଂ ପ୍ରତିଥିବା ଭଲପାଇବା ଓ ଆନ୍ତରିକତାକୁ ପଦାରେ ପକାଇଛି ।

ଅକ୍ଷର ପଟେଲ ଯୁଗରେ ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ,୧୭ମାର୍ଚ୍ଚ: ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଯାଉଛି ଆଇପିଏଲର ୧୮ତମ ସଂସ୍କରଣ । ଆଜି ଆଇପିଏଲ ରିଭ୍ୟୁରେ ଆମେ ଦିଲ୍ଲୀ କ୍ୟାପିଟାଲ୍ସ ସମ୍ପର୍କରେ ଚର୍ଚ୍ଚା କରିବା ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଦର୍ଶନ ଗତ ୩ଟି ଯାକ ଆଇପିଏଲରେ ଆଦୌ ଭଲ ନଥିଲା । ୨୦୨୦ରେ ଦିଲ୍ଲୀ କ୍ୟାପିଟାଲ୍ସ ତାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା । ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଦଳ ଆଇପିଏଲ ଫାଇନାଲ ଦୁବାଇରେ ଖେଳି ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ହାରିଥିଲା । ସେବେଠାରୁ ଦିଲ୍ଲୀର ପ୍ରଦର୍ଶନ ନିମ୍ନଗାମୀ ହେବାରେ ଲାଗିଛି ।

ଦିଲ୍ଲୀର ନେତୃତ୍ୱଗଲା ୩ ବର୍ଷ ପରେ ମଧ୍ୟରେ ଋଷଭ ପନ୍ତ ଓ ଡାଭିଡ ୱାର୍ଣ୍ଣରଙ୍କ ହାତରେ ରହିଥିଲା ହେଲେ ଉଭୟ ଦଳର ଫ୍ୟାନ୍ସଙ୍କୁ ନିରାଶ କରିଛନ୍ତି ୨୦୨୫ ଆଇପିଏଲ ପୂର୍ବରୁ ପନ୍ତ ରେକର୍ଡ ୨୭ କୋଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଖକୁ ଚାଲି ଯାଇଛନ୍ତି ସେହିପରି ୱାର୍ଣ୍ଣରଙ୍କୁ ଅହ୍ମନରେ କେହି ବି କିଣି ନାହାନ୍ତି କ୍ରମାଗତ ୩ଟି ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏବେ ଦିଲ୍ଲୀ କ୍ୟାପିଟାଲ୍ସ ନୂଆ । ରଙ୍ଗ ଓ ରଣନୀତି ସହ ୨୦୨୫ ଆଇପିଏଲକୁ ଓହ୍ଲାଇବ ଦଳ ତାର ପ୍ରଥମ ମ୍ୟାଚ ମାର୍ଚ୍ଚ ୨୪ ତାରିଖ ଲକ୍ଷ୍ନୌ ବିପକ୍ଷରେ ଖେଳିବ

ଆଇପିଏଲର ୧୮ତମ ସଂସ୍କରଣରେ ସମସ୍ତ ଫୋକସରେ ଜଣେ ଖେଳାଳି ରହିବେ । ସେ ହେଲେ ଅଲରାଉଣ୍ଡର ଅକ୍ଷର ପଟେଲ । ୩୧ ବର୍ଷୀୟ ଅକ୍ଷର ପଟେଲଙ୍କୁ କ୍ୟାପିଟାଲ୍ସର ଅଧିନାୟକ ଭାବେ ନିଯୁକ୍ତି ମିଳିଛି । ୨୦୧୯ରୁ ଅକ୍ଷର ଦିଲ୍ଲୀ କ୍ୟାପିଟାଲ୍ସରୁ ଦଳ ସହ ଯୋଡ଼ି ହୋଇ ରହିଛନ୍ତି ଟି-୨୦ ଫର୍ମାଟରେ ଅଧିନାୟିକତତ୍ୱ କରିବା ଅକ୍ଷରଙ୍କ ପାଇଁ ନୂଆ । କଥା ନୁହେଁ । କାରଣ ସେ ୨୦୧୮ରୁ ୨୦୨୪ ଯାଏ ୧୬ଟି ଟି-୨୦ରେ ବରୋଦାର କମାଣ ସମ୍ଭାଳିଥିଲେ ।

ଏହି ୧୬ଟି ମ୍ୟାଚ୍‌ରୁ ବରୋଦା ୧୦ଟିରେ ଜିତିଥିଲା ୨୦୨୪ ମେ ୧୨ରେ ଅକ୍ଷର ଗୋଟିଏ ଥର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀର ନେତୃ ନେଇଥିଲେ । କିନ୍ତୁ ଦିଲ୍ଲୀ କ୍ୟାପିଟାଲ୍ସ ଉକ୍ତ ମ୍ୟାଚ୍‌କୁ ୪୭ ରନରେ ହାରି ଯାଇଥିଲା । ଟି-୨୦ ଅଧିନାୟକ ଭାବେ ଅକ୍ଷର ୩୬.୪୦ ହାରରେ ୩୬୪ ରନ କରିଛନ୍ତି । ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ହେଉଛି ୫୭ । ସେ ଗତବର୍ଷ ଆରସିବି ବିପକ୍ଷ ମ୍ୟାଚରେ ୫୭ ରନର ଇନିଂସ ଖେଳିଥିଲା ବୋଲିଂ କଥା ଦେଖିଲେ ସେ ୨୯.୦୭ ହାରରେ ୧୩ଟି ୱିକେଟ ନେଇଛନ୍ତି ।

୨୦୨୪ ମେଗା ଅହ୍ମନ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଅକ୍ଷରଙ୍କୁ ରିଲିଜ କରି ନଥିଲା । ତାଙ୍କୁ ୧୬.୫୦ କୋଟି ଟଙ